### ମହିଳା କିରାଣୀଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ

# ଘଟଣାର ତଦନ୍ତ କଲେ ଉପଜିଲ୍ଲାପାଳ



କୁନ୍ଦୁରା, ୯।୪(ସମିସ): କୁନ୍ଦୁରା ବ୍ଲକ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ କାର୍ଯ୍ୟରତ ଭିଏସ ମହିଳା କିରାଣୀ କଲେନ କୁଜୁରଙ୍କ ଲାଞ୍ଚ କାରବାର ବିରୋଧରେ ଦୁରୁଆ ଜନଜାତି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାକୁ ନେଇ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଜୟପୁର ଉପ ଜିଲ୍ଲାପାଳ ଯଦୁମଣି ନାୟକଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ପେରିପେକ୍ଷୀରେ ଆଦିବାସୀ ଜନଜାତିଙ୍କୁ ଅଗ୍ରାଧିକାର ଦେଇ ବୁଧବାର ଦିନ କୁନ୍ଦୁରା ଗସ୍ତରେ ଆସି ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ତନତନ କରି ତଦନ୍ତ କରିଥିଲେ ଉପଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀ। ଜନଜାତିର ଅଭିଯୋଗ ଅନୁଯାୟୀ, କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଭିଏସ ମହିଳା କିରାଣୀ କଲେନ କୁଜୁର ଜନ୍ମପ୍ରମାଣ ପତ୍ର ନିମନ୍ତେ ପଞ୍ଜିକୃତ ଲୋକଙ୍କୁ ଲାଞ୍ଚ ମାଗୁଛନ୍ତି ଏବଂ ସେମାନଙ୍କୁ ଖରାପ ବ୍ୟବହାର କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ପୂର୍ବରୁ ଏହି ମହିଳା କିରାଣୀ ଜଣକୁ ଏଭଳି କାର୍ଯ୍ୟରୁ ନିବୃତ ରହିବାକୁ ଚେତାବନୀ ଦେଇଥିଲେ ବିଭାଗୀୟ ଅଧିକାରୀ । କିନ୍ତୁ ପୁଣି ସମାନ ଅବସ୍ଥା ରହିଥିବା ଦେଖି ଉପ ଜିଲ୍ଲପାଳ ଅସନ୍ତୋଷ ପ୍ରକାଶ କରିଥିଲେ । ତଦନ୍ତ ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ କକ୍ଷରେ ଉପ ଜିଲ୍ଲପାଳ ଯଦୁମଣି ନାୟକ, ଏଡିପିଏଚଓ ଶିବ ସାଇ ସ୍ୱରୂପ, ଅତିରିକ୍ତ ତହସିଲଦାର ଅଶୋକ କୁମାର ପାଲ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଗଣେଶ ପ୍ରସାଦ ଦାଶ ଆଲୋଚନା କରିଥିଲେ। ତଦନ୍ତ ଘଟଣାକୁ ନେଇ ଜିଲ୍ଲାପାଳଙ୍କୁ ରିପୋର୍ଟ କରାଯିବ ଏବଂ ଆବଶ୍ୟକ ହେଲେ ମହିଳା କିରାଣୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡିଛି ।

## ୯ ଛାତ୍ରଙ୍କୁ ପୁଣି ଶାରୀରିକ ଦଣ୍ଡ

ମୁନିଗୁଡା, ୯।୪(ସମିସ): ରାୟଗଡା ଜିଲ୍ଲା ଅମ୍ବାଦଳା ମଙ୍ଗଳ ବିଭାଗୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପୁଣିଥରେ ଛାତ୍ରମାନଙ୍କୁ ଶାରୀରିକ ଦଣ୍ଡ ଦେବା ଘଟଣା ସାମ୍ନାକୁ ଆସିଛି। ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତିଙ୍କ ବିରୋଧରେ ଏପରି ଅଭିଯୋଗ ଉଠିଛି। ସୂଚନା ଅନୁଯାୟୀ, ଆଜି ୯ ଜଣ ଛାତ୍ରଙ୍କୁ କାନ ଧରି ଖରାରେ ଦୀର୍ଘ ସମୟ ଧରି ଆଣ୍ଠେଇ ରଖାଯାଇଥିଲା। କିଛି ଦିନ ପୂର୍ବେ ମଧ୍ୟ ଛାତ୍ରଙ୍କୁ ସମାନ ପ୍ରକାର ଦଣ୍ଡର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହି ଘଟଣାର ସଠିକ୍ ତଦନ୍ତ କରି ଦୋଷୀ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ସହିତ ଛାତ୍ରମାନଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ଲୋକେ ଦାବି କରିଛନ୍ତି।

## ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର




ଗୁଣପୁର, ୯।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଗୁଣପୁର କଲେଜରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ କଲେଜର ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସମୁଦାୟ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଯୁବ ରେଡ୍‌କ୍ରସ୍ ସଂଯୋଜକ ଦେବୀପ୍ରସାଦ ରାଉତ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଲକ୍ଷ୍ମଣ ଶବର ଓ ଏନ୍‌ସିସି ଅଫିସର ଜିତେନ୍ଦ୍ର ବଡମୁଣ୍ଡି ପରିଚାଳନା କରିଥିଲେ। କଲେଜର ଅଧ୍ୟକ୍ଷ ବି. ଶ୍ରୀହରି ପଟ୍ଟନାୟକ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନ ଶିବିରରେ ଛାତ୍ରଛାତ୍ରୀଙ୍କର ସକ୍ରିୟ ଭାଗିଦାରି ଓ ସେବାମୂଳକ ମନୋଭାବ ଦେଖି ସମସ୍ତଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଥିଲା। ଏହି ପ୍ରୟାସ ସମାଜସେବା ପ୍ରତି ଯୁବପିଢ଼ୀଙ୍କ ଆଗ୍ରହକୁ ଆହୁରି ମଜବୁତ କରିଛି।

## ସିଆର୍‌ପିଏଫ୍‌ର ଶୌର୍ଯ୍ୟ ଦିବସ ପାଳନ

ନବରଙ୍ଗପୁର, ୯।୪(ସମିସ): ନବରଂଗପୁର ସିଆର୍‌ପିଏଫ୍ ୧୨ ବାଟାଲିୟନ ପକ କ୍ୟାମ୍ପ କାର୍ଯ୍ୟାଳୟ ପରିସରରେ ୬୧ ତମ ଶୌର୍ଯ୍ୟ ଦିବସ ପାଳନ ହୋଇଯାଇଛିକ୍ଷ ଏହି ଅବସରରେ କମାଣ୍ଡାଣ୍ଟ ଏନ.କେ. କ ପ୍ରସାଦଙ୍କ ସମେତ ଡେପୁଟି କମାଣ୍ଡାଣ୍ଟ ରାଜୀବ କୁମାର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଶ୍ରୀନିବାସ ରାଓ, ଇନ୍ସପେକ୍ଟର ସୁଜୀତ କୁମାର,



ଇନ୍ସପେକ୍ଟର ପି.କେ.ସାହୁ, ସବ୍-ଇନ୍ସପେକ୍ଟର ବନ୍ଧ ନାମଦେଓ ଏବଂ ୧୨ ବାଟାଲିଅନ୍ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ୬୧ତମ ଶୌର୍ଯ୍ୟ ଦିବସ ପାଳନର ଆଜିର ଦିନରେ ସବୁ ସହିଦଙ୍କୁ ସମ୍ମାନ ଦିଆଗଲା। ସହିଦ ସିପାହୀ ବିଜୟ କୁମାର ହରିଜନ ଯିଏକି ଗତ ୨୦୦୯ ଏପ୍ରିଲ ୧୬ରେ ନକ୍ସଲଙ୍କ ସହ ଲଢ଼ି ମୁରକି ଗାଁ, ଦାନ୍ତେବାଡା, ଛତିଶଗଡରେ ସହିଦ ହୋଇଥିଲେ। ମାତା ହେମଲତା ହରିଜନ ଓ ପିତା ବୁଧନ ହରିଜନଙ୍କ ସୁପୁତ୍ର ଶହୀଦ ବିଜୟଙ୍କୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କମାଣ୍ଡାଣ୍ଟ ଏନ.କେ.କେ ପ୍ରସାଦ ସହିଦ ବିଜୟ କୁମାର ହରିଜନଙ୍କ ମା ଓ ବାପାଙ୍କୁ ପୁଷ୍ପ ମାଳା ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ମୃତ, ଦୁଇ ଗୁରୁତର

ମୁନିଗୁଡା, ୯।୪(ସମିସ): ମୁନିଗୁଡା ଥାନା ଅନ୍ତର୍ଗତ କନ୍ଧମାଳମୁନିଗୁଡା ରାଜରାସ୍ତାରେ ଲିଟିଗୁଡା ଛକ ନିକଟରେ ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ଲାଗିବାରୁ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ଧରମଗଡ଼ର କିଶୋର ସାହୁଙ୍କ ମୃତ୍ୟୁ ଘଟିଥିବା ବେଳେ, ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଗ୍ରାମର ପ୍ରମୋଦ ସାହୁ ଓ କଳାହାଣ୍ଡି ଜିଲ୍ଲା କଲମପୁରର କେଦାର ସାହୁ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ତତ୍ପରତାରେ ଆହତମାନଙ୍କୁ ଉଦ୍ଧାର କରି ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ପରେ ଡାକ୍ତରମାନେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ପାଇଁ ଅନ୍ୟତ୍ର ସ୍ଥାନାନ୍ତର କରିଥିବା ସୂଚନା ମିଳିଛି।ଗୁରୁତର ମାନେ ବିଷମ କଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଚିକିତ୍ସା ହେଉଥିବା ସୂଚନା ମିଳିଛି। ଅନ୍ୟପଟେ, ଦୁର୍ଘଟଣାରେ ଜଡିତ ଅନ୍ୟ ବାଇକ୍ ଚାଳକ ଘଟଣା ପରେ ବାଇକ ଛାଡ଼ି ସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୁଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଆହତ ତିନିଜଣ ବିବାହ କାର୍ଯ୍ୟରୁ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ଧକ୍କା ଲାଗିଥିଲା।

### ● ଅଧପନ୍ତରିଆ ରାସ୍ତାରେ ଧୂଳି ଉଡୁଛି

## ପ୍ରଶାସନ ନିରବ, ଲୋକେ ହଟହଟା




ମୁନିଗଡ଼ା/ଆମ୍ବଦଳା, ୯।୪(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତା, ଯାହା ଭାୟା ବାଘ ଡଙ୍ଗରି ହୋଇ କଳାହାଣ୍ଡି ଜିଲ୍ଲାର ବିଶ୍ୱନାଥପୁର ସହିତ ସଂଯୋଗ ସୃଷ୍ଟି କରୁଛି, ବର୍ତ୍ତମାନ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ରାସ୍ତା କାମ ଆରମ୍ଭ କରି ଠିକାଦାର ମେଟାଲ ଓ ପଥର ଗୁଣ୍ଡ ପକାଇ ଛାଡ଼ି ଦେଇଥିବାରୁ ଦୀର୍ଘ ସମୟ ଧରି କାମ ଅସମ୍ପୂର୍ଣ୍ଣ ଅବସ୍ଥାରେ ଅଟକି ରହିଛି। ରାସ୍ତା ଉପରେ ପାଣି ପକାଯାଉନଥିବାରୁ ବଡ଼ ପରିମାଣରେ ପଥର ଗୁଣ୍ଡ ଉଡୁଛି, ଯାହାର ପ୍ରଭାବରେ ସ୍ଥାନୀୟ ଲୋକଙ୍କ ଦୈନିକ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଧୂଳି ଓ ଧୁଳାରେ ରାସ୍ତା ପାଖରେ ବସୁଥିବା ଲୋକମାନେ ଶ୍ୱାସକଷ୍ଟ ସହିତ ବିଭିନ୍ନ ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି। ଏହା ସହିତ, ରାସ୍ତା ଉପରେ ପଡ଼ିଥିବା ମେଟାଲ ଓ ଛୋଟ ଛୋଟ ପଥର ଯାନବାହନ ଯାତାୟାତ ସମୟରେ ଉଡି ଲୋକଙ୍କ ଉପରେ ପଡୁଥିବାରୁ ଅନେକେ ଆହତ ହେଉଥିବା କୁହାଯାଉଛି। ଏହା ଦୁର୍ଘଟଣାର ଆଶଙ୍କାକୁ ବଢ଼ାଇ ଦେଇଛି ଏବଂ ଯାତାୟାତ ପାଇଁ ରାସ୍ତାଟି ବହୁତ ବିପଦପୂର୍ଣ୍ଣ ହୋଇପଡ଼ିଛି। ବିଭାଗୀୟ ଅଧିକାରୀଙ୍କ ସ୍ଥାନୀୟ ଲୋକମାନେ ବାରମ୍ବାର ଅଭିଯୋଗ କରି ଆସୁଥିବା ସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ ଅବହେଳା କରୁଥିବା ଅଭିଯୋଗ ହେଉଛି। ସେହିପରି କାମ ସ୍ଥଳରେ ଅଧିକାରୀମାନଙ୍କ ଅନୁପସ୍ଥିତି ଠିକାଦାରଙ୍କୁ ମନମୁତାବକ କାମ କରିବାକୁ ଖୋରାକ ଯୋଗାଉଥିବା ବୋଲି ମଧ୍ୟ ଅଭିଯୋଗ ଉଠିଛି। ସ୍ଥାନୀୟ ଲୋକମାନେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରି ଶୀଘ୍ର ରାସ୍ତା କାମ ସମାପ୍ତ କରିବା ସହିତ ଧୂଳି ନିୟନ୍ତ୍ରଣ ପାଇଁ ପାଣି ପକାଇବା ବ୍ୟବସ୍ଥା କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗଙ୍କୁ ଦାବି କରିଛନ୍ତି।

## ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଅଭିଯାନ



ପାପଡାହାଣ୍ଡି, ୯।୪(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଦଳେଇଗୁଡା ଧର୍ମଶାଳା ଠାରେ ଗତ ଦୁଇ ଦିନ ଧରି ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ଅନୁଷ୍ଠିତ ହୋଇଥିଲା। ପାପଡାହାଣ୍ଡି ମଣ୍ଡଳ ସଭାପତି ମନୋଜ ଅଗ୍ରୱାଲଙ୍କ ସଭାପତିତ୍ୱରେ ପ୍ରଥମ ଦିବସରେ ରାୟଗଡ଼ା ଜିଲ୍ଲା ପ୍ରଭାରୀ ଗୋବିନ୍ଦ ଜୈନ, ଶ୍ରୀକାନ୍ତ ପଣ୍ଡା ଓ ଦ୍ୱିତୀୟ ଦିବସ ଜିଲ୍ଲା ସଭାପତି କୁଞ୍ଜ ବିହାରୀ ଦାସ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ ଦୈତାରୀ ମାଝୀ, ଜ୍ୟୋତି ରଞ୍ଜନ କଂସ, ବୀରେନ୍ଦ୍ର ପୂଜାରୀ, ପ୍ରମୁଖ ଯୋଗ ଦେଇଥିଲେ। ଗାଁ ଚାଲ ଅଭିଯାନରେ ଦଳେଇ ଗ୍ରାମ ଠାରେ ପରୀକ୍ରମା କରି ସରକାର ଙ୍କ ଯୋଜନା ବିଷୟ ରେ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା. ଏହି କାର୍ଯ୍ୟକ୍ରମଙ୍କୁ ସତନ୍ତ୍ର ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ଭତରା, ଜିଲ୍ଲା ଉପ ସଭାପତି ହରି ମୋହନ ଶର୍ମା, ଦୀନବନ୍ଧୁ ବିଷୋୟୀ, ଶିବ ଶଙ୍କର ଜୈନ, ଜିତେନ୍ଦ୍ର ଗୌଡ଼, ଦାମଧାର ପ୍ରଧାନ, ପ୍ରଶାନ୍ତ ପାଣିଗ୍ରହୀ, ଧୀରେନ୍ଦ୍ର ଯାନୀ ପ୍ରମୁଖ ପରିଚାଳନା କରିଥିଲେ।

### ■ ପାରମ୍ପରିକ ଚାଷ, ବିଲୁପ୍ତ ପାରମ୍ପରିକ ବିହନ ସଂରକ୍ଷଣ

## ରାଞ୍ଚିରେ ସମ୍ମାନିତ ହେଲେ ଲୋକନାଥ ନାଉରି




ବିଷମ କଟକ, ୯।୪(ସମିସ) : ଆଜି ମଧ୍ୟ ଲୋକେ ପାରମ୍ପରିକ ପଦ୍ଧତି ହିସାବ ରେ ଜୈବିକ ସାର ପ୍ରୟୋଗ କରି ବିଭିନ୍ନ କିଷମର ଚାଷ କରୁଛନ୍ତି। ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ କେରାଣ୍ଡିଗୁଡା ଗ୍ରାମର ଲୋକନାଥ ନାଉରୀ କେରାଣ୍ଡିଗୁଡା ଗ୍ରାମ ରେ ରହିଥିବା ତାଙ୍କ ଜମିରେ ପାରମ୍ପରିକ ପଦ୍ଧତି ଏବଂ ଜୈବିକ ସାର ପ୍ରୟଗ କରି ବିଭିନ୍ନ କିସମର ଧାନ, କାଙ୍ଗୁ,ସୁଆଁ, ମୁଗ,ଜନା, ମାଣ୍ଡିଆ,ଅଳସି, ବିରି, ଜନି, ଲାଉ, କଖାରୁ ଓ ବୌଇତାଳୁ ଭଳି ବିଭିନ୍ନ ଡାଲି ଓ ପରିବା ଜାତୀୟ ଫସଲ ଚାଷ କରି ଉତ୍ପାଦିତ ଫସଲକୁ ସଂଗ୍ରକ୍ଷିତ କରି ଅନ୍ୟ ଚାଷୀମାନଙ୍କୁ ବିହନ ଆକାରରେ ପ୍ରଦାନ କରୁଛନ୍ତି। ଜୈବିକ ସାର ପ୍ରୟୋଗ କରି ଚାଷ କରିବା ଦିଗରେ ବିଭିନ୍ନ ଚାଷୀଙ୍କୁ ସଚେତନ କରୁଛନ୍ତି। ରାସାୟନିକ ସାର ପ୍ରୟୋଗରୁ ଫସଲକୁ ବଞ୍ଚାଇବା ପାଇଁ ବିଭିନ୍ନ ଦେଶି ଜୈବିକ ଔଷଧ ନିର୍ମାଣର କୌଶଳ ମଧ୍ୟ ଚାଷୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଶ୍ରୀ ନାଉରୀ ଜୈବିକ ପଦ୍ଧତିର ଫସଲ ଉତ୍ପାଦନର ବିପ୍ଳବ କେରାଣ୍ଡଗୁଡା ଗ୍ରାମରୁ ଦୀର୍ଘ ଏକ ଦଶନ୍ଦୀ ପୂର୍ବେ ଆରମ୍ଭ କରିଛନ୍ତି। ସେ ତାଙ୍କ ନିକଟରେ ୫୫ କିଷମର ବିଲୁପ୍ତ ପ୍ରାୟ ବିହନ ସବୁକୁ ସଂଗ୍ରହ ମଧ୍ୟ କରି ରଖିଛନ୍ତି। ଗତ ବୁଧବାର ଦିନ ଝାଡଖଣ୍ଡ ସରକାର ଦ୍ୱାରା ରାଞ୍ଚି ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କୃଷି ମେଳାରେ ଦେଶର ବିଭିନ୍ନ ରାଜ୍ୟର ଚାଷୀ ମାନଙ୍କୁ ସମ୍ମାନିତ କରିବା ଅବସରରେ ଓଡିଶାରୁ ଲୋକନାଥ ନାଉରୀଙ୍କୁ ସମ୍ମାନିତ କରାଯାଇଛି। ଲୋକନାଥ ନାଉରୀ ବିଭିନ୍ନ କିଷମର ବିଲୁପ୍ତ ପ୍ରାୟବିହନ ସଂଗ୍ରକ୍ଷଣ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବେଳେ ଏହି ପୁରସ୍କାର ତାଙ୍କୁ ବେଶ ଉତ୍ସାହିତ କରିଥିବା କହିଛନ୍ତି।

## ଆସ ବହିଟିଏ କିଣିବା ଅଭିଯାନ



ରାୟଗଡ଼ା, ୯।୪(ସମିସ): ରାୟଗଡା ଜିଲ୍ଲାରେ ଆଜି 'ଆସ ବହିଟିଏ କିଣିବା' ଅଭିଯାନ ଦିବସ ପାଳନ କରାଯାଇଛି। ଜିଲ୍ଲା ସଂସ୍କୃତି ବିଭାଗ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହଯୋଗରେ ଏହି ଅଭିଯାନ ଜିଲ୍ଲା ସଂସ୍କୃତି ଭବନ ଠାରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନେ ଓ ସାଧାରଣ ଜନସାଧାରଣଙ୍କୁ ପୁସ୍ତକ କ୍ରୟ କରି ପାଠନ ଅଭ୍ୟାସ ଗଢ଼ି ତୋଳିବାକୁ ପ୍ରେରିତ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, କଲେଜ ଓ ସାର୍ବଜନୀନ ସ୍ଥାନରେ ପାଠପାଠନ ପ୍ରତି ଆଗ୍ରହ ବୃଦ୍ଧି ପାଇଁ ସଚେତନତା କାର୍ଯ୍ୟକ୍ରମ, ପୁସ୍ତକ ପ୍ରଦର୍ଶନୀ ଓ ପାଠନ ଶିବିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ଖେଳ ଶିକ୍ଷକ ପ୍ରଶାନ୍ତ ନାୟକ, ଗ୍ରନ୍ଥାଗାରିକ ମାରିଆନା କିରୋ ଓ ଡମ୍ବରୁଧର ପଣ୍ଡା ଆଦି ଯୋଗ ଦେଇଥିଲେ। ଅତିଥିଗଣ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର ଓ ସମାଜର ସାର୍ବିକ ବିକାଶରେ ପାଠନ ଅଭ୍ୟାସ ଗୁରୁତ୍ୱପୂର୍ଣ୍ଣ। ଆସ ବହିଟିଏ କିଣିବା ଅଭିଯାନ ମାଧ୍ୟମରେ ଲୋକମାନଙ୍କ ମଧ୍ୟରେ ପୁସ୍ତକ ପ୍ରତି ଆକର୍ଷଣ ବୃଦ୍ଧି ପାଇବା ସହ ଜ୍ଞାନମୂଳକ ସମାଜ ଗଢ଼ିଉଠିବ ବୋଲି ଆଶା ପ୍ରକାଶ କରିଥିଲେ। ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାରେ ପାଠନ ସଂସ୍କୃତିକୁ ଉତ୍ସାହିତ କରିବା ସହ ସଚେତନ ଓ ଜ୍ଞାନମୂଳକ ସମାଜ ଗଢ଼ିବା ଦିଗରେ ଏକ ସ୍ଥାୟୀ ପଦକ୍ଷେପ ବୋଲି ବସନ୍ତ ପ୍ରଧାନ କହିଛନ୍ତି

## 'ଆସ ବହିଟିଏ କିଣିବା' ଅଭିଯାନ




ରାୟଗଡ଼ା, ୯।୪(ସମିସ): ଓଡ଼ିଆ ପକ୍ଷ ଅବସରରେ ମହିଳା ମହାବିଦ୍ୟାଳୟ, ରାୟଗଡ଼ରେ ବିଶେଷ ପୁସ୍ତକ କ୍ରିୟ ଅଭିଯାନ 'ଆସ ବହିଟିଏ କିଣିବା' ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ଅଧ୍ୟକ୍ଷା ଡ. ଅର୍ଚ୍ଚନା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷକମାନେ ଛାତ୍ରୀମାନେ ଓ ସାହିତ୍ୟ ରସିକମାନେ ସକ୍ରିୟ ଭାବରେ ଯୋଗଦେଇ, ଓଡ଼ିଆ ସାହିତ୍ୟ ପ୍ରତି ଆଗ୍ରହ ବୃଦ୍ଧି କରିବାରେ ନିଜର ଅବଦାନ ରଖିଥିଲେ। ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଛାତ୍ରୀମାନଙ୍କୁ ପୁସ୍ତକ ପଢ଼ିବା ପ୍ରତି ପ୍ରେରିତ କରିବା, ଓଡ଼ିଆ ଭାଷାର ସାହିତ୍ୟକୁ ସମ୍ମାନ ଦେବା ଏବଂ ପୁସ୍ତକ କ୍ରୟ ମାଧ୍ୟମରେ ସାହିତ୍ୟ ସୃଷ୍ଟିକାରମାନଙ୍କୁ ସମର୍ଥନ କରିବା। ବିଭିନ୍ନ ପ୍ରକାରର ଓଡ଼ିଆ ଉପନ୍ୟାସ, କବିତା ସଂଗ୍ରହ, ଗଳ୍ପ ସଂଗ୍ରହ ଓ ଶିକ୍ଷାମୂଳକ ପୁସ୍ତକ ପ୍ରଦର୍ଶିତ ହୋଇଥିଲା। ଛାତ୍ରୀମାନେ ନିଜର ପସନ୍ଦର ପୁସ୍ତକ କିଣି, ପଢ଼ିବାର ଅଭ୍ୟାସକୁ ଆଗକୁ ବଢ଼ାଇବାର ସଙ୍କଳ୍ପ କରିଥିଲେ। କଲେଜ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପକୁ ସାହିତ୍ୟ ସଚେତନତାର ଏକ ସୁନ୍ଦର ପ୍ରୟାସ ବୋଲି ବର୍ଣ୍ଣିତ କରାଗଲା। ଏହି କାର୍ଯ୍ୟକ୍ରମଟି ରଘୁନାଥ ଭୁଏ, ଓଡ଼ିଆ ଅଧ୍ୟାପକଙ୍କ ସଂଯୋଜନା ରେ ଅନୁଷ୍ଠିତ ହୋଇଥିଲା।

## 'ଆସ ବହିଟିଏ କିଣିବା' ଅଭିଯାନ

ମାଲକାନଗିରି, ୯।୪(ସମିସ): ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହେଉଥିବା ଓଡ଼ିଆ ଭାଷା ପକ୍ଷର ନବମ ଦିବସ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆସ ବହିଟିଏ କିଣିବା ଅଭିଯାନ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ପୁସ୍ତକ ପଠନକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଅଭିଯାନକୁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ସଫଳ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମୁଖରେ ଆୟୋଜିତ ଏହି ସ୍ୱତନ୍ତ୍ର ପୁସ୍ତକ ଷ୍ଟଲରେ ସ୍ଥାନୀୟ ବିକ୍ରେତା ରାମକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ବିଭିନ୍ନ ରୁଚିର ପୁସ୍ତକ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଥିଲେ ଯେ, ପୁସ୍ତକ ହେଉଛି ଜ୍ଞାନର ଆଲୋକ ଏବଂ ଆମ ସଂସ୍କୃତିର ପ୍ରକୃତ ପ୍ରତିଫଳନ। ବିଶେଷ କରି ଛାତ୍ରଛାତ୍ରୀମାନେ ବହି ସହ ବନ୍ଧୁତା କଲେ ଏକ ସମୃଦ୍ଧ ସମାଜ ଗଠନ ହୋଇପାରିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ ଓ ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପୁସ୍ତକ କ୍ରୟ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ପାଇଁ ପ୍ରଶାସନର ଏହି ପଦକ୍ଷେପକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇ ନିଜ ପସନ୍ଦର ବହି କିଣିବା ସହ ପଠନ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ।

## ଶିକ୍ଷା ସଚେତନତା ରଥ ଶୁଭାରମ୍ଭ

ମାଲକାନଗିରି, ୯।୪(ସମିସ): ମାଲକାନଗିରି ବ୍ଲକ୍ ସିନ୍ଧିରିମାଲ ପଞ୍ଚାୟତ ଅଧୀନରେ ଥିବା ସରକାରୀ ପ୍ରଥମିକ ବିଦ୍ୟାଳୟ ଚମ୍ପାଖାରି, ସରକାରୀ ପ୍ରାଥମିକ ବିଦ୍ୟାଳୟ ସୀମାଗୁଡ଼ି, ସରକାରୀ ପ୍ରାଥମିକ ବିଦ୍ୟାଳୟ ଦୋରାଗୁଡା, ଇଉ ବାଳିକା ବିଦ୍ୟାଳୟ ସିନ୍ଧିରିମାଲ ବିଦ୍ୟାଳୟ ଗୁଡିକରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ଚିନ୍ମୟୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶିକ୍ଷା ସଚେତନତା ରଥ ପରିଭ୍ରମଣର ଶୁଭାରମ୍ଭ କରାଯାଇଛି। ଅଭିଭାବକମାନଙ୍କୁ ସରକାରଙ୍କ ନୂତନ ଶିକ୍ଷା ଯୋଜନା ବିଷୟରେ ସଚେତନତା କରେଇବା ସହ ଶିଶୁ ମାନଙ୍କୁ ଭୟ ମୁକ୍ତ କରାଇ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରେଇବା ନିମନ୍ତେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ୧୫ ଗୋଟି ବିଦ୍ୟାଳୟରେ ପାଳନ କରାଯାଇଥିଲା। ଶିଶୁ ମାନଙ୍କୁ ବିଦ୍ୟାଳୟ ଆଭିମୁଖ୍ୟ କରାଇବା ପାଇଁ ବିଭିନ୍ନ ଖେଳ, ଗପ, ଗୀତ, ଓ ରଙ୍ଗଖେଳରେ ନିୟୋଜିତ କରାଇ ଆନନ୍ଦ ଓ ଆଗ୍ରହ ସୃଷ୍ଟି କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ସମ୍ପୂର୍ଣ ସହଯୋଗ କରିଥିଲେ।

### ମା' ଚେରକାଟିଆନି ଭଲିବଲ୍ ଟୁର୍ଣାମେଣ୍ଟ ଉଦ୍‌ଯାପିତ

# ମୁଣ୍ଡାଗାଁକୁ ହରାଇ କାକିରିଗୁମା ଦଳ ଚାମ୍ପିଅନ୍




ରାୟଗଡ଼ା, ୯।୪(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ଖୁରିଗାଁ ପଞ୍ଚାୟତ ରାଜାଘର ପଡ଼ିଆଠାରେ ଜିଲ୍ଲା ସ୍ତରୀୟ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଟୁର୍ଣାମେଣ୍ଟରେ ପ୍ରାୟ ୧୦ ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ମୁଣ୍ଡାଗାଁ ଏବଂ କାକିରିଗୁମ୍ମା ମଧ୍ୟରେ ଚିତ୍ତାକର୍ଷକ ମ୍ୟାଚ୍ ଦେଖିବାକୁ ମିଳିଥିଲା। କାକିରିଗୁମ୍ମା ୧୮ ପଏଣ୍ଟ କରି ମୁଣ୍ଡାଗାଁକୁ ୧୫ପଏଣ୍ଟରେ ସୀମିତ ରଖିଥିଲେ। ବିଜୟ ହାସଲ କରିବା ଟିମ୍‌କୁ ୫୦ହଜାର ଟଙ୍କା ଏବଂ ପରାଜୟ ଟିମକୁ ୩୦ହଜାର ଟଙ୍କା ପୁରସ୍କାର ରାଶି ଓ ସିଲଡ ପ୍ରଦାନ କରାଯାଇଥିଲା। ଆୟୋଜକ କଂସାରିଗୁଡ଼ା ସ୍ଥିତ ଆଦିତ୍ୟ ବିର୍ଲା ହିଣ୍ଡାଲକୋ ରିଫେଇନେରି ପକ୍ଷରୁ ଏହି ଟୁର୍ଣାମେଣ୍ଟ ଆୟୋଜିତ ହୋଇଥିଲା। ସ୍ୱାସ୍ଥ୍ୟ, ସଡ଼କ, ଲୋକ ସମ୍ପର୍କ ବଢାଇବା ସହ ଅଞ୍ଚଳର ବିକାଶ ଦିଗରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା କମ୍ପାନୀର ଲକ୍ଷ୍ୟ ଅଟେ। ଏହି ଅବସରରେ କମ୍ପାନୀ ସିଇଓ ମଜହର ବେଗଙ୍କୁ ଅଞ୍ଚଳବାସୀ ଭୂରିଭୂରି ପ୍ରଶଂସା କରିବା ସହିତ ଆଦିତ୍ୟ ବିର୍ଲା ହିଣ୍ଡାଲକୋ କମ୍ପାନୀ ରାୟଗଡ଼ ଜିଲ୍ଲାର ବିକାଶ ଦିଗରେ କାର୍ଯ୍ୟ କରିବା ସହିତ କାଶୀପୁର ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଦିଗରେ ଅଣ୍ଟାଭିଡ଼ି ଠିଆ ହୋଇଛି ବୋଲି କମ୍ପାନୀ ସିଇଓ ବାର୍ତ୍ତା ମାଧ୍ୟମରେ ଜଣାଇଛନ୍ତି। ଆଗାମୀ ଦିନରେ ଅନେକ ଖେଳ ଆୟୋଜିତ କରିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ଅଞ୍ଚଳବାସୀଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ତତ୍ପର ରହିବା ପାଇଁ ପ୍ରତିଶ୍ରୁତି ବଦ୍ଧ ବୋଲି କହିଛନ୍ତି ଶ୍ରୀ ବେଗ। ଏହି ମ୍ୟାଚକୁ ଶାନ୍ତି ଶୃଙ୍ଖଳା ପରିସ୍ଥିତି ଓ ସୁରୁଖୁରୁରେ ସମାପନ କରିବା ପାଇଁ ସରପଞ୍ଚ ସିରିପାଇର ଇଛା ମୋହନ ମାଝୀ, ଭୀମ ନାୟକ, ବେଣୁଧର ନାୟକ, କୁଞ୍ଜବନ ନାୟକ, ଅଭିନାୟକ, ଗଙ୍ଗାଧର ନାୟକ, ଶିବେଧ ନାୟକ, ଗୌରୀ ଶଙ୍କର ନାୟକ, ନାଗେଶ ଖୋସଲା ଏବଂ ସହିଦ୍ ଲକ୍ଷ୍ମଣ ନାୟକ କ୍ଲବ୍ ସଭାପତି ଦୋରା କଣ୍ଡାଗିରି ସମେତ ଅଞ୍ଚଳବାସୀ ପ୍ରମୁଖ ଉପସ୍ଥିତ ଥିଲେ।

### ସିଜିମାଳିରେ ପ୍ରଶାସନ, ପୁଲିସର ଦମନକୁ ବିରୋଧ

# ସିପିଆଇର ବିକ୍ଷୋଭ ଓ ଧାରଣା

ଜୟପୁର, ୯ ।୪(ସମିସ) :




ରାୟଗଡା ଜିଲ୍ଲା କାଶିପୁର ବ୍ଲକ ସୁଙ୍ଗେର ଗ୍ରାମପଞ୍ଚାୟତର ସିଜିମାଳି ଖଣି ଖନନ ଅଞ୍ଚଳର କଣ୍ଟାମାଳ ଗ୍ରାମ ଉପରେ ଗତ ମଙ୍ଗଳବାର ରାତି ଦୁଇଟାରେ ଗ୍ରାମକୁ ପ୍ରଶାସନ ଓ ପୁଲିସ ଘେରାଉ କରିବା ସହିତ ଲୁହବୁହା ଗ୍ୟାସ ପ୍ରୟୋଗ କରି , ଲାଠି ବର୍ଷା କରି ଗ୍ରାମବାସୀ ଙ୍କୁ ଉକ୍ତ ଅଞ୍ଚଳ ଛାଡିଯିବା ପାଇଁ ଏକ ଘୃଣ୍ୟ ଷଡ଼ଯନ୍ତ୍ର କରାଯାଇଥିଲା । ଏହାକୁ ବିରୋଧ କରାଯାଇ ଜିଲ୍ଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପକ୍ଷରୁ ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ କେନ୍ଦ୍ର, ରାଜ୍ୟ ସରକାରଙ୍କ ଏବଂ ଏବଂ ପୁଲିସ ଓ ପ୍ରଶାସନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଉକ୍ତ ଅଞ୍ଚଳରେ ବେଦାନ୍ତ ଆଲୁମିନା କମ୍ପାନୀ ପାଇଁ ରାସ୍ତା ତିଆରି କରିବା ପାଇଁ ସରକାରୀ କଳ ଅତ୍ୟନ୍ତ ବ୍ୟସ୍ତ , ଅଥଚ ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା ଅନୁଷ୍ଠିତ ହୋଇନାହିଁ। ଅନୁସୂଚିତ ଅଞ୍ଚଳ ହୋଇଥିବାରୁ ଏବଂ ପଞ୍ଚମ ସେଡ୍ୟୁଲ୍ ରେ ଆସୁଥିବା ରୁ ରାଜ୍ୟପାଳ ତୁରନ୍ତ ହସ୍ତକ୍ଷେପ କରି ଏହି ଅଞ୍ଚଳରୁ ପୁଲିସ ଛାଉଣି ହଟାଇବା ଏବଂ କାହାକୁ ଅଞ୍ଚଳରେ ଏକାଠି ହେବା ପାଇଁ ନଦେବା ପେସା ଓ ଜଙ୍ଗଲ ଅଧିକାର ଆଇନର ସ୍ପଷ୍ଟ ଉଲ୍ଲଙ୍ଘନ। କୋରାପୁଟ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଆଦିବାସୀଙ୍କ ଜମି ଅଧିଗ୍ରହଣ ବିନା ପଲ୍ଲୀସଭାରେ ହେଉଛି। ରାଜ୍ୟ ଏବଂ କେନ୍ଦ୍ରର ଡବଲ୍ ଇଞ୍ଜିନ୍ ସରକାର କର୍ପୋରେଟ ହାଉସ୍ ଓ ବଡ଼ ବଡ଼ ପୁଞ୍ଜିପତିଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆଦିବାସୀଙ୍କ ଜୀବନ ଜୀବିକାକୁ ଦଳିଚକଟି ଦିଆଯାଉଛି। ଦେଶର ରାଷ୍ଟ୍ରପତି ଆଦିବାସୀ ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ ଆଦିବାସୀ ହେଲେ କାହିଁକି ଆଦିବାସୀ ମାନଙ୍କୁ ହଜାର ହଜାର ବର୍ଷ ଧରି ରହି ଆସୁଥିବା ଅଞ୍ଚଳରୁ ଜୋର ଜବରଦସ୍ତ ବିସ୍ଥାପିତ କରାଯାଉଛି ବୋଲି ସିପିଆଇ ରାଜ୍ୟ କାର୍ଯ୍ୟକାରି କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତି ପ୍ରଶ୍ନ କରିଛନ୍ତି। ଆଦିବାସୀ ମାନଙ୍କ ଜମି ଜଳ ଜଙ୍ଗଲର ଅଧିକାରକୁ କ୍ଷୁର୍ଣ୍ଣ କରିବା ବନ୍ଦ କରାଯାଉ ବୋଲି ସିପିଆଇ ପକ୍ଷରୁ ଦାବୀ କରାଯାଇଛି। ଆଜି ସିଜିମାଳି ଅଞ୍ଚଳର ଆଦିବାସୀ ମାନଙ୍କ ପ୍ରତି ସମର୍ଥନ ଜଣାଇ ସିପିଆଇର ବରିଷ୍ଠ ନେତା ଯୁଧିଷ୍ଠିର ରାଉଳ, ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାସ, ଜିଲ୍ଲା ସହସମ୍ପାଦକ ବୁଦ୍ରା ବଡନାୟକ, ଯୁବନେତା ନନ୍ଦ ହରିଜନ , ଛାତ୍ର କୃଷ୍ଣ ଖରା ପ୍ରମୁଖ ଯୋଗ ଦେଇ ବିରୋଧ ପ୍ରକଟ କରିଥିଲେ।

## ଶ୍ରୀହନୁମାନ ଜୟନ୍ତୀ ପାଇଁ ପ୍ରସ୍ତୁତି



ଦାମନଯୋଡ଼ି, ୯।୪(ସମିସ): ଉତ୍କଳର ସର୍ବୋଚ୍ଚ ଶ୍ରୀହନୁମାନଙ୍କ ବିଗ୍ରହ ଥିବା ଦାମନଯୋଡ଼ିର ନାଲ୍କୋ ଟାଉନସିପ ସ୍ଥିତ ଶ୍ରୀଅଭୟ ଆଞ୍ଜେନେୟଙ୍କ ମନ୍ଦିରରେ ଶ୍ରୀହନୁମାନ ଜୟନ୍ତୀ ଓ ମହାବିଷୁବ ସଂକ୍ରାନ୍ତି ୪ଦିନ ବ୍ୟାପି ଉତ୍ସବ ପାଳନ ହେବ। ଏ ନେଇ ମନ୍ଦିର କମିଟି ବୈଠକରେ ନୀତି ଚୂଡ଼ାନ୍ତ ହୋଇଛି। କର୍ମକର୍ତ୍ତାଙ୍କ ସୂଚନା ମୁତାବକ ଆଗାମୀ ୧୧ ତାରିଖ ଶନିବାର ସନ୍ଧ୍ୟାରେ ଶୁଭ ଅଙ୍କୁରାରୋପଣ ହେବ। ୧୨ତାରିଖ ରବିବାର ସକାଳେ କଳସାଧିବାସ,ଆଚାର୍ଯ୍ୟ ବରଣ,ଦେବତା ଆବାହନ,ଅଗ୍ନି ସ୍ଥାପନ ଓ ସଂସ୍କାର ସହିତ ଯଜ୍ଞ ଆରମ୍ଭ ହେବ।୧୩ ତାରିଖ ସୋମବାର ସୂର୍ଯ୍ୟପୂଜା,ଧେନୁ ପୂଜା, ଶାଳା ପୂଜା,ଘଟ ମଣ୍ଡଳ ପୂଜା ଆଦି ନୀତି ସହିତ ଚଣ୍ଡୀପାଠ ଓ ଆହୂତି ଏଂ ସଂଧ୍ୟାରେ ଭଜନ କାର୍ଯ୍ୟକ୍ରମ ରହିଛି। ସେହିପରି ୧୪ତାରିଖ ମଙ୍ଗଳବାର ମହାବିଷୁବ ସଂକ୍ରାନ୍ତି ଅବସରରେ ଦିବସ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଶ୍ରୀ ସୂର୍ଯ୍ୟ ନାରାୟଣଙ୍କ ପୂଜା ପରେ ଶ୍ରୀଅଭୟ ଆଞ୍ଜେନେୟଙ୍କ ମହାସ୍ନାନ, ବେଶ, ଷୋଡଶ ଉପଚାର ପୂଜା ଓ ଯଜ୍ଞ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୂତି ଓ ସନ୍ଧ୍ୟା ଆରତୀ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୁରୀରୁ ସ୍ୱତନ୍ତ୍ର ଘଣ୍ଟୁଆ ଦଳ ଘଣ୍ଟବାଦ୍ୟ କରିବା କାର୍ଯ୍ୟକ୍ରମ ରହିଛି। ନାଲ୍କୋ ଅଧକ୍ଷ ଓ କୋରାପୁଟ ଜିଲ୍ଲାପାଳଙ୍କୁ ଶ୍ରୀ ହନୁମାନଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି। ସନ୍ଧ୍ୟାରେ ନୀଳଶୈଳ ଦଳର ଭଜନ ପରିବେଷଣ ଓ ସମୂହ ପ୍ରସାଦ ସେବନ ବ୍ୟବସ୍ଥା ହୋଇଛି ବୋଲି ଶ୍ରୀଅଭୟ ଆଞ୍ଜେନେୟ ମନ୍ଦିର ପରିଚାଳନା ସମିତି କର୍ମକର୍ତ୍ତା ସରୋଜ କୁମାର ସ୍ୱାଇଁ, ଆଲୋକ ଚୌଧୁରୀ ଓ ଶ୍ୟାମସୁନ୍ଦର ପଣ୍ଡା ପ୍ରକାଶ କରିଛନ୍ତି। ହନୁମାନ ବାଟିକା ବାହାରେ ଷ୍ଟଲ୍ ଗୁଡ଼ିକରେ ଭାରତର ବିଭିନ୍ନ ପ୍ରାନ୍ତରୁ ହସ୍ତତନ୍ତ ଓ ହସ୍ତଶିଳ୍ପ ସହିତ ଖାଦ୍ୟ ମେଳା ବ୍ୟବସ୍ଥା ହୋଇଛି। ୧୦ ରୁ ୨୬ ତାରିଖ ପର୍ଯ୍ୟନ୍ତ ଏହି ମେଳା ଅନୁଷ୍ଠିତ ହେବ।

## ୮ ଜଣ ଅଭିଯୁକ୍ତ ଏନ୍‌ବିଡବ୍ଲୁରେ ଗିରଫ

ଜୟପୁର, ୯ ।୪(ସମିସ): କୋରାପୁଟ ଜିଲ୍ଲା ସଦରଥାନା ପୁଲିସ ପକ୍ଷରୁ କୋର୍ଟର ନିର୍ଦ୍ଦେଶକ୍ରମେ ଜାମିନ ବିହୀନ ଫରୱାନ (ଏନବିଡବ୍ଲୁ)ରେ ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଜୟପୁର ସଦରଥାନା ମୁଖି ଖୁଡିପି ଗ୍ରାମର ନକୁଳ ମାଣ୍ଡିଆ (୬୪), ବଳରାମ ସୌରା (୩୬), ପ୍ରହଲ୍ଲାଦ ମାଣ୍ଡିଆ (୪୦), ଭଗବାନ ମାଣ୍ଡିଆ (୩୮), ନୀଳାଗୁଡା ଗ୍ରାମର ଆକାଶ ଭଇଁଶା (୧୯), ଅନ୍ତା ଗ୍ରାମର ଶ୍ୟାମଘନ ବିଶୋୟୀ (୫୨), ଫାମ୍ପୁଣି ଗ୍ରାମର ପଦ୍ମନ ଭୂମିଆ (୪୬),ବାରାମୁଣ୍ଡି ଗ୍ରାମର ଗୁପ୍ତପ୍ରସାଦ ସାହୁ (୫୦)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେହିପରି ଅନ୍ୟ ୪ଜଣଙ୍କ ନାମରେ ଏନବିଡବ୍ଲୁ ରହିଥିଲେ ସୁଦ୍ଧା ସେମାନେ ପୂର୍ବରୁ କୋର୍ଟର ହାଜର ହୋଇ ଜାମିନରେ ମୁକୁଳିଥିବା ନେଇ ପ୍ରମାଣ ଦେବାରୁ ସେମାନଙ୍କ ବିରୋଧରେ ଏନବିଡବ୍ଲୁ ଖାରଜ କରଯାଇଥିବା ନେଇ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ■ କ୍ରୀଡ଼ା ଭିତ୍ତିଭୂମିର ସମୀକ୍ଷା କଲେ ଜିଲ୍ଲାପାଳ

## ସିଏମ୍ ଟ୍ରଫି ପାଇଁ ପ୍ରସ୍ତୁତି ଜୋରଦାର

ମାଲକାନଗିରି, ୯ ।୪(ସମିସ): ମାଲକାନଗିରି ଜିଲ୍ଲାର କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଯୁବ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ସଦର ମହକୁମା ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ହଷ୍ଟେଲ ପରିଦର୍ଶନ କରି କ୍ରୀଡ଼ା ଭିତ୍ତିଭୂମିର ବିକାଶ ଏବଂ ଆଗାମୀ ସିଏମ ଟ୍ରଫି ପାଇଁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। କ୍ରୀଡ଼ା ଭିତ୍ତିଭୂମିର ଅନୁଧ୍ୟାନ ଓ ସମୀକ୍ଷା କରିବା ସହ ଜିଲ୍ଲାପାଳ ସ୍ପୋର୍ଟସ କମ୍ପ୍ଲେକ୍ସର ବିଭିନ୍ନ ବିଭାଗ ବୁଲି ଦେଖିବା ସହ କ୍ରୀଡ଼ାବିତ୍‌ଙ୍କୁ ଶ୍ରେଷ୍ଠ ସୁବିଧା ଯୋଗାଇବା ପାଇଁ ଗୁରୁତ୍ୱ ଦେଇଛନ୍ତି। ଆଥଲେଟ୍ ଉନ୍ନତ ଅଭ୍ୟାସ ପାଇଁ ଟ୍ରାକ୍‌ର ସ୍ଥିତି ଅନୁଧ୍ୟାନ କରିବା ସହ ଏହାର ରକ୍ଷଣାବେକ୍ଷଣ ଓ ଆବଶ୍ୟକ ଉନ୍ନତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ଇନ୍‌ଡୋର ଷ୍ଟାଡିୟମଗୁଡ଼ିକର ସୁପରିଚାଳନା ତଥା ଏହାକୁ ଖେଳାଳିଙ୍କ ପାଇଁ ସର୍ବଦା କାର୍ଯ୍ୟକ୍ଷମ ରଖିବାକୁ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସ୍ପୋର୍ଟସ କମ୍ପ୍ଲେକ୍ସର ପରିସରକୁ ସୁରକ୍ଷିତ ରଖିବା ପାଇଁ ପାଚେରି ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ସିଏମ ଟ୍ରଫି କ୍ରୀଡ଼ା କାର୍ଯ୍ୟକ୍ରମକୁ ମାଲକାନଗିରିରେ ଅତି ଆଡମ୍ବର ସହକାରେ ପାଳନ କରିବାକୁ ଲକ୍ଷ୍ୟ ରଖାଯାଇଛି।ଏହି ପ୍ରତିଯୋଗିତା ଜିଲ୍ଲାର ଗ୍ରାମାଞ୍ଚଳରେ ଥିବା ଲୁକ୍କାୟିତ ପ୍ରତିଭାମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଏକ ବୃହତ ମଞ୍ଚ ପ୍ରଦାନ କରିବ। କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ଜିଲ୍ଲାପାଳ ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରିବାକୁ ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ଜିଲ୍ଲାପାଳ ସ୍ପୋର୍ଟସ ହଷ୍ଟେଲରେ ରହୁଥିବା ଅନ୍ତେବାସୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ଖେଳାଳିମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଏବଂ ଉତ୍ତମ ପରିବେଶ ଯୋଗାଇ ଦେବା ଜିଲ୍ଲା ପ୍ରଶାସନର ପ୍ରାଥମିକତା ବୋଲି ସେ ପ୍ରକାଶ କରିଛନ୍ତି। ସମୀକ୍ଷା ବୈଠକରେ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ମାଲକାନଗିରିର ଯୁବବର୍ଗଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ନେବା ପାଇଁ ପ୍ରଶାସନର ଏହି ତତ୍ପରତା ସ୍ଥାନୀୟ କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଖେଳାଇ ଦେଇଛି।

## କୁଜାଜାନିଗୁଡା ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ତେନ୍ତୁଳିଖୁଣ୍ଟି, ୯।୪(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡା ପଞ୍ଚାୟତ ଅନ୍ତର୍ଗତ କୁଜାଜାନିଗୁଡା ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟ ତଥା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏସଏସଡି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ଗରଡ଼ା ବାର୍ଷିକ ବିବରଣୀ ପଠନ କରିଥିଲେ। ସେହିଭଳି ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁବାଷ ପୂଜାରୀ ମଧ ବିଦ୍ୟାଳୟ ବାର୍ଷିକ ବିବରଣୀ ପଠନ କରିଥିଲେ। ଉଭୟ ପ୍ରଧାନ ଶିକ୍ଷକଙ୍କ ସଭାପତତ୍ୱରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସରକାର ଛାତ୍ରଛାତ୍ରୀଙ୍କ ହିତରେ କରିଥିବା ବ୍ୟବସ୍ଥା ତଥା ଏସଟି/ଏସି ଓ ଏସିବିସିଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିବା ପ୍ରକାଶ କରିଥିଲେ। ଏହି ପରିପେକ୍ଷୀରେ ବିଧାୟକ ବିଦ୍ୟାଳୟରେ ନିୟୋଜିତ ଚତୁର୍ଥ ଶ୍ରେଣୀ କର୍ମଚାରୀ ତଥା ସଫେଇ ଓ ରୋଷେଇ କାର୍ଯ୍ୟ ରେ ନିୟୋଜିତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ମୁଖ୍ୟ ବକ୍ତା ଭାବେ ମଞ୍ଚାସୀନ ଥିବାବେଳେ ବିଡିଓ ମନୋଜ ପାଣିଗ୍ରାହୀ, ବ୍ଲକ ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, ପୂଜାରୀଗୁଡା ସରପଞ୍ଚ ଅନାଦି ମାଝୀ, ସମିତି ସଭ୍ୟା ବିନୋଦିନୀ ସିଂଘ, ସାଂସଦ ପ୍ରତିନିଧି ଜାନକୀକାନ୍ତ ବିଷୋୟୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝୀ, ଜଗଦୀଶ ଚନ୍ଦ୍ର ବିଷୋୟୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, କାଡିଙ୍ଗା ମଡେଲ ଡିଗ୍ରୀ କଲେଜ ଅଧକ୍ଷ ରାଜୀବ ଜାଲ,ନିବେଦିତା ବିଶ୍ୱାଳ ବିଦ୍ୟାଳୟ ପରିଚାଳନା କମିଟି ପର୍ଶୁ ହରିଜନ ଓ ଜୟନ୍ତୀମାଳା ମୁଦୁଲି ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ସହକାରୀ ଶିକ୍ଷୟତ୍ରୀ ସଂଗୀତା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ର କୃତି ଛାତ୍ରଛାତ୍ରୀ ଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ବଣ୍ଟନ କରାଯାଇଥିଲା।ଉଭୟ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏବଂ କର୍ମଚାରୀ କାର୍ଯ୍ୟକ୍ରମ କୁ ସଫଳ କରିବା ରେ ସକ୍ରିୟ ସହଯୋଗ କରିଥିଲେ। ଶେଷରେ କୁନି କୁନି ଛାତ୍ରଛାତ୍ରୀଙ୍କୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ସାର ହୋଲ୍‌ସେଲ୍‌ରଙ୍କ ଗୋଦାମରେ ଚଢ଼ଉ



● କାରଣ ଦର୍ଶାଅ ନୋଟିସ ଜାରି

ଜୟପୁର, ୯ ।୪(ସମିସ) : କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ସାର କଳାବଜାର ବନ୍ଦ କରିବା ନେଇ ଚଢଉ ଗତି ୩ରୁ ୪ ଦିନ ହେଲାଣି ଜାରି ରହିଛି। ଏହିପରି ଆଜି ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ନିର୍ଦ୍ଦେଶକ୍ରମେ କୃଷି ବିଭାଗ ପକ୍ଷରୁ ଚଢଉ କରାଯାଇଥିଲା। ଆଜି ଜୟପୁର ସହରର ହୋଲସେଲର ଦେଓଚାନ୍ଦ ଚମ୍ପାଲାଲଙ୍କ ଗୋଦାମ ଗୃହରେ ଉପରେ ଚଢ଼ଉ କରାଯାଇଥିଲା। ଏଥିରେ ଗଚ୍ଛିତ ସାର ବସ୍ତା ଗୁଡିକର ଗଣତି କରାଯିବା ସହିତ ଷ୍ଟକବୁକ ରେଜିଷ୍ଟାର ଏବଂ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏଥିରେ କିଛି ଅନିୟମତା ରହିଥିବା ଜଣାପଡିବା ପରେ କୃଷି ବିଭାଗ ପକ୍ଷରୁ ହୋଲସେଲରଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହି ଚଢଉ ଓ ଯାଞ୍ଚ ବେଳେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ଦଶବେହେରା, ଜୟପୁର ସହକାରୀ ଜିଲ୍ଲା କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, କୋରାପୁଟ ଭାରପ୍ରାପ୍ତ ସହକାରୀ ଜିଲ୍ଲା କୃଷି ଅଧିକାରୀ କାହ୍ନୁ ଚରଣ ଦାସ, ସହକାରୀ କୃଷି ଅଧିକାରୀ ସ୍ମିତା ପାଢୀ, ପ୍ରଶାନ୍ତ କୁମାର ପୃଷ୍ଟି ପ୍ରମୁଖ ସାମିଲ ରହିଥିଲେ।

## କେନ୍ଦ୍ରୀୟ ପ୍ରଭାରୀଙ୍କ ସେମିଳିଗୁଡା ବ୍ଲକ୍ ଗସ୍ତ

ସେମିଳିଗୁଡ଼ା, ୯।୪ (ସମିସ): କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଯୁଗ୍ମ ସଚିବ ତଥା କୋରାପୁଟ ଜିଲ୍ଲା କେନ୍ଦ୍ରୀୟ ପ୍ରଭାରୀ ସତ୍ୟଜିତ ମିଶ୍ର ଜିଲ୍ଲା ଗସ୍ତ କରିଛନ୍ତି। ସେ ସେମିଳିଗୁଡ଼ା ବ୍ଲକର ରାଜପୁଟ ମିଲେଟ ପ୍ରକ୍ରିୟାକରଣ ୟୁନିଟ, ବୁଧବାର ପରିଦର୍ଶନ କରିଥିଲେ। କେନ୍ଦ୍ର କାର୍ଯକୁ ତାଦରିଖ କରିଥିଲେ ଏବଂ ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ୟୁନିଟ୍ ପରିସରରେ ଏକ ଚାରାରୋପଣ କାର୍ଯକ୍ରମରେ ଯୋଗ ଦେଇଥିଲେ। ପରେ ସେମିଳିଗୁଡ଼ା ବ୍ଲକର ଦଳେଇଗୁଡ଼ାରେ କଫି ନର୍ସରୀ ପରିଦର୍ଶନ କରିଥିଲେ। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ବନଖଣ୍ଡ ଅଧିକାରୀ କେଭି ଭାସ୍କର ରାଓ, ସେମିଳିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ କୁମାର୍ ପ୍ରଧାନ ପ୍ରମୁଖ ଯୁଗ୍ମ ସଚିବଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

## ଅଲମ୍ପିକ୍ ମୂଲ୍ୟବୋଧ କାର୍ଯ୍ୟକାରିତା ଦିବସ ପାଳିତ

ସୁନାବେଡା, ୯।୪(ସମିସ): ସୁନାବେଡାସ୍ଥିତ ମିଗ୍-୪ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଏବଂ ଅଲମ୍ପିକ ଓଭିଇପି ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କୋରାପୁଟ, ଚମେଲୀ ମଜୁମଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ବିଶିଷ୍ଟ ଶିକ୍ଷାବତ୍ ତଥା କୋଟସ୍, କୋରାପୁଟର ସହଯୋଗୀ ପ୍ରଫେସର୍ ଡଃ ପ୍ରଦୀପ କୁମାର ବେହେରା ମୁଖ୍ୟ ବକ୍ତା, ସେମିଳିଗୁଡା ବ୍ଲକ୍ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ ସମ୍ମାନୀତ ଅତିଥିଭାବେ ଏବଂ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ପ୍ରିୟମ୍ବଦା ପାତ୍ର ଏବଂ ୧ନଂ ୱାର୍ଡର କାଉନସିଲର ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ମଜୁମଦାର ନିଜ ଭାଷଣରେ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମ ଅଧ୍ୟୟନ କରିବା ସକାଶେ ପରାମର୍ଶ ଦେବା ସହ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ଛାତ୍ରମାନଙ୍କ ପ୍ରତି ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ବିମଳା ଥାନାପତି ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବା ବେଳେ ଶିକ୍ଷୟିତ୍ରୀ ସୁଶ୍ରୀ ନମିତା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାରେ ବିଜୟ କୁମାର ଇଡିଙ୍ଗ, ଚିନୁରାଣୀ ଦେବନାଥ, ସଂଯୁକ୍ତା ସାମନ୍ତରାୟ, ଗୌରୀ ଜାନି, ସ୍ନେହଲତା ଦାସ, ହେମନ୍ତ ପାଇକ, ସରୋଜ ଭତରା, ଦମୟନ୍ତୀ କୁଳଦିପ, ରଶ୍ମିନୀ ପ୍ରଧାନ, ଶାନ୍ତିଲତା ପାତ୍ର, ଜଗନ୍ନାଥ ମାଝୀ, ରାଜେନ୍ଦ୍ର ନାୟକ, ମୁନିବର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ବିଜୟ ଏଡିଙ୍ଗ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଏଭି ଭିଏସ୍ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଉଦଯାପିତ



ସୁନାବେଡ଼ା, ୯।୪(ସମିସ): ସୁନାବେଡ଼ା ସହରାଞ୍ଚଳ ଥିବା ଡିଏଭି ଭିଏସ୍ ବିଦ୍ୟାଳୟରେ ଦ୍ୱିତୀୟ ପ୍ରତିଷ୍ଠା ଦିବସ ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟ ପରିସରକୁ ଆକର୍ଷଣୀୟ ଭାବରେ ସଜାଯାଇଥିବା ସହିତ ଅତିଥିମାନଙ୍କ ପାଇଁ ବିଶେଷ "ରେଡ୍ କାର୍ପେଟ୍" ସ୍ୱାଗତ ବ୍ୟବସ୍ଥା କରାଯାଇଥିଲା। ଏହିଅବସରରେ ପ୍ରଧାନ ଅତିଥି ଭାବେ ହାଲର ଜେନେରାଲ୍ ମ୍ୟାନେଜର ସରୋଜ ପଣ୍ଡା ଯୋଗଦେଇଥିଲେ ଏବଂ ଅୟସକାନ୍ତ ସରଣ ମଧ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପରବର୍ତ୍ତୀ କାର୍ଯକ୍ରମରେ ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ ସାଂସ୍କୃତିକ ପ୍ରଦର୍ଶନୀ ଦ୍ୱାରା ସମାଗମକୁ ମନୋମୁଗ୍ଧ କରିଥିଲେ। ବିଦ୍ୟାଳୟର ଅଧକ୍ଷ ବାସୁଦେବ ପାଣିଗ୍ରାହୀ ତାଙ୍କ ଉଦବୋଧନରେ ବିଦ୍ୟାଳୟର ଗତିପଥ, ଉପଲବ୍‌ଧି ଓ ଆଗାମୀ ଲକ୍ଷ୍ୟ ବିଷୟରେ ଆଲୋକପାତ କରି ସମସ୍ତଙ୍କୁ ଏକତ୍ର ହୋଇ ଅଧିକ ସଫଳତା ଆଣିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟମାନେ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀମାନେ ଓ ଅଭିଭାବକମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## 'ଆସ ବହିଟିଏ କିଣିବା' ଦିବସ ପାଳନ



ନବରଙ୍ଗପୁର, ୯।୪(ସମିସ): ସ୍ଥାନୀୟ ମହିଳା ମହାବିଦ୍ୟାଳୟ ଠାରେ "ଆସ ବହିଟିଏ କିଣିବା" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ବ୍ଲକ ଏବଂ ବିଶେଷ କରି ସମସ୍ତ ମହାବିଦ୍ୟାଳୟରେ ଏହି ଅଭିଯାନ ଆରମ୍ଭ ହୋଇଥିବା ବେଳେ ନବରଙ୍ଗପୁର ମହିଳା ମହାବିଦ୍ୟାଳୟ ଠାରେ ମୁଖ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ପ୍ରକଳ୍ପ ଅଧିକାରୀ( ଜରୁରୀ ବିଭାଗ) ହିମାଂଶୁ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ଉଦ୍‌ଘୋଷକ ଆକାଶବାଣୀ ଜୟପୁରର ଉଦୟ ଶଙ୍କର ଜାନୀ, ମହିଳା ମହାବିଦ୍ୟାଳୟର ଅଧକ୍ଷା ମାଳେଶ୍ୱରି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧାପିକା ଶ୍ରୀମତୀ ସଂଯୁକ୍ତା ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ଆଧୁନିକ ସମାଜରେ ବହି ପଢ଼ିବାର ଗୁରୁତ୍ୱ ଏବଂ ଛାତ୍ରୀ ମାନଙ୍କ ମଧ୍ୟରେ ପଠନ ଅଭ୍ୟାସ ବୃଦ୍ଧି କରିବା ପାଇଁ ପରାମର୍ଶ ପ୍ରଦାନ କରାଯାଇଥିଲା। ଶିକ୍ଷାର୍ଥୀମାନଙ୍କୁ ପୁସ୍ତକ ପ୍ରତି ଆକୃଷ୍ଟ କରିବା ପାଇଁ ବିଭିନ୍ନ ସାଂସ୍କୃତିକ ପୁସ୍ତକ, ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ,ଓଡ଼ିଆ ପତ୍ରପତ୍ରିକା, ଗଳ୍ପ, କବିତା ଏବଂ ଜର୍ଣ୍ଣାଲ୍ ଆଦି ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷ ଭାଗରେ ଛାତ୍ରଛାତ୍ରୀମାନେ ନିଜ ପସନ୍ଦର ବହି କିଣିବା ସହ ଅତିଥିମାନଙ୍କ ଦ୍ୱାରା ବହୁମୂଲ୍ୟ ପୁସ୍ତକ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ରୂପାୟନ ରେ ମହାବିଦ୍ୟାଳୟର ଅଧାପକ ଅଧାପିକା,ଛାତ୍ରୀଗଣ ଏବଂ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀ ଆତ୍ମପ୍ରକାଶ ସାହୁ, ଏ.ସନ୍ତୋଷ ସହଯୋଗ କରିଥିଲେ।

## ରନ୍ଧନ ଗ୍ୟାସ୍ ଯୋଗାଣକାରୀଙ୍କ ଆତ୍ମହତ୍ୟା

ସୁନାବେଡ଼ା, ୯।୪ (ସମିସ): ସୁନାବେଡା-୩ ସ୍ଥିତ ଡିପିକ୍ୟାମ୍ପ କଲୋନୀର ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ମୃତ ବ୍ୟକ୍ତି ଜଣଙ୍କ ନାମ ମେଣ୍ଟା ଦାସ (୫୨) ବୋଲି ଜଣାପଡିଛି। ସେ ସୁନାବେଡ଼ା ଅଞ୍ଚଳରେ ସମସ୍ତ ଘରକୁ ରନ୍ଧନ ଗ୍ୟାସ ଯୋଗାଣ କରୁଥିଲେ। କୌଣସି କାରଣରୁ ଘରେ କେହି ନ ଥିବା ବେଳେ ସନ୍ଧ୍ୟା ୭.୩୦ ସମୟରେ ଗାଧୁଆ ଘରର ପାଇପରେ ବେକରେ ତାର ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ସେ ଜଣେ ମେଳାପି ଓ ପରୋପକାରୀ ବ୍ୟକ୍ତି ଭାବେ ସୁନାବେଡାରେ ପରିଚିତ ଥିଲେ। ଘଟଣା ସ୍ଥଳରେ ସୁନାବେଡା ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## କାକିରିଗୁମା ଘଟଯାତ୍ରା ଉଦ୍‌ଯାପିତ



କାକିରିଗୁମା, ୯।୪(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କାକିରିଗୁମା ଗ୍ରାମ ଦେବୀ ବଡ଼ ଦେବତା ଓ ଠାକୁରାଣୀଙ୍କ ଘଟ ଯାତ୍ରା ଉଦଯାପିତ ହୋଇଛି। ଗତ ମାସ ୩୦ରିଖରେ ଠାକୁରାଣୀ ସ୍ଥାୟୀ ମନ୍ଦିରରୁ ବାହାରି ୯ ଦିନ ପର୍ଯ୍ୟନ୍ତ ଗ୍ରାମ ପରିଦର୍ଶନ କରି ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ୯ ଦିନ ପରେ ଗ୍ରାମର ସ୍ଥାୟୀ ମନ୍ଦିରକୁ ଫେରିଛନ୍ତି। ଶ୍ରଦ୍ଧାଳୁ ମାନେ ଏହି ଦିନରେ ଆନନ୍ଦର ସହିତ ଠାକୁର ଦର୍ଶନ କରିବାକୁ ସୁଯୋଗ ମିଳିଥିବାରୁ ବେଶ ଖୁସି ଥିବା ସୂଚନା ମିଳିଛି। ପାରମ୍ପରିକ ରିତିନିତି ଅନୁଯାୟୀ ଅଲକାମ ବାଘ , ଶାବଳକୁ ଗରମ୍ କରି କିଛି ବ୍ୟକ୍ତି ହାତରେ ଜଡ଼ା ତେଲ ଲଗାଇ ଶାବଳ ହାତ ରଖିବା, ସଣ୍ଡ ବଦଳ, ଜିବନ୍ତ ବ୍ୟକ୍ତିଙ୍କ ଶୁଳ୍କ ଦେବା, ୧୦ ରୁ ଊର୍ଦ୍ଧ୍ୱ ଅନେକ ଅଲକାମ ଦେଖାଇଥିଲେ। ଯାତ୍ରାରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି।କିଏ ଠାକୁରଙ୍କ ଦର୍ଶନ କରି କୃପା ଲାଭ କରିବାକୁ ଆସିଥିବା ବେଳେ କିଏ ନିଜର ମାନସିକ ପୂରଣ ହୋଇଥିବା ଯୋଗୁଁ ପୂଜାର୍ଚ୍ଚନା କରିଥିଲେ। ଅନେକ ଲୋକ ଅଲକାମ ଏବଂ ଯାତ୍ରାକୁ ଉପଭୋଗ କରିବା ପାଇଁ ଆସିଥିଲେ। ମନୋରଂଜନ ପାଇଁ ରବିବାର ଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଆଞ୍ଚଳିକ ନାଟକ ଓ ମେଲୋଡି କାର୍ଯ୍ୟକ୍ରମ ଆୟୋଜନ ହେଇଥିଲା। ଘଟ ଯାତ୍ରା ପାଇଁ ସୁନ୍ଦର ଆଲୋକିକରଣ ସହିତ ସଜାସଜି କରାଯାଇଥିଲା। ସ୍ଥାନୀୟ ପୁଲିସ ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ରହିଥିଲେ। ଯୁବକ ସଂଘର ସଦସ୍ୟ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପ୍ରସ୍ତୁତି କରାଯାଇଥିଲା। ଘଟ ଯାତ୍ରା କମିଟି ସଭାପତି ବାବୁଲା ଖରା, କୋଷାଧକ୍ଷ ଭୁବନେଶ୍ୱର ବିଶୋଇ ଓ ଗୁପ୍ତ କୁଳଦିପ, ସମ୍ପାଦକ ଜିତେନ୍ଦ୍ର ବିଶୋଇ, ସହ ସମ୍ପାଦକ ନୀଳ ସାଉଁନ୍ତା, ପରିଚାଳନା କମିଟି ସଦସ୍ୟ ହେମନ୍ତ କୁମାର ବିଶୋଇ, ହେମଚନ୍ଦ୍ର ହିଆଲ, ଅଭିମନ୍ୟୁ ହିଆଲଙ୍କ ସହିତ ଅନେକ ବ୍ୟକ୍ତି ଯାତ୍ରା ପରିଚାଳନା ଦାୟିତ୍ୱରେ ଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୂଲ୍ୟବାନ ସାମଗ୍ରୀ ବିକ୍ରି

ପୋଡ଼ାଗଡ଼, ୯।୪(ସମିସ):

କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସର୍ବସାଧାରଣଙ୍କ ବ୍ୟବହାର କରିବା ଲାଗି ଗଚ୍ଛିତ ବିଭିନ୍ନ ସାମଗ୍ରୀ ଗୁଡିକ ମେଡିକାଲ ପକ୍ଷରୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। କାହା ସ୍ୱାର୍ଥରେ, ସାଧାରଣ ଲୋକଙ୍କ ସୁବିଧା ଏବଂ ବ୍ୟବହାର ପାଇଁ ଆସିଥିବା, ସରକାରୀ ସାମଗ୍ରୀ ବିକ୍ରୀ କରାଯାଇଛି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ସୂଚନା ଅନୁସାରେ ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ, ମେଡିକାଲରେ ବିଭିନ୍ନ ସାମଗ୍ରୀ ଆସିଥାଏ। କିନ୍ତୁ ତାହା ବର୍ଷ ବର୍ଷ ଧରି ବ୍ୟବହାର ନ କରି, ମେଡିକାଲ ଷ୍ଟୋର ରୁମରେ ରଖାଯାଉଛି। ବହୁ ବର୍ଷ ହେଲା ପରେ, ତାହା, ଜଙ୍କ ଖାଉଛି। ଲୁହା ବାଲତି ଠାରୁ ଆରମ୍ଭ କରି, ବିଭିନ୍ନ, ଚେୟାର, ଟେବୁଲ୍, ରୋଗୀ, ମେସିନ, ଫ୍ରିଜ, ଭଳି ଅନ୍ୟାନ୍ୟ ସାମଗ୍ରୀ ଗୁଡିକ ଲକ୍ଷାଧିକ ଟଙ୍କାରେ ଗାଡି ଲଗାଇ ବିକ୍ରୀ କରିଥିବା ଜଣାପଡିଛି। ତେଣୁ କାହା ନିର୍ଦ୍ଦେଶ, ଏବଂ ଅନୁମତି ନେଇ, ସାଧାରଣ ଲୋକ ସେବା ରେ ଆସିଥିବା ସାମଗ୍ରୀ ବିକ୍ରି କରାଯାଉଛି ବୋଲି କୁହାଯାଇଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ସୂଚନା ମୁତାବକ ଗତ ୧୫ ଅକ୍ଟୋବର ୨୦୨୫ ରେ ଗର୍ଭବତୀ ଓ ବିଭିନ୍ନ ରୋଗୀର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ଲାଗି ଅଲଟ୍ରାସାଉଣ୍ଡ ମେସିନର ଶୁଭାରମ୍ଭ କରା ଯାଇଥିଲା। ତାହା ଏକ ବର୍ଷରୁ ଅଧିକ ଦିନ ବିତି ଗଲାଣି, କୌଣସି କାମରେ ଆସୁନି। ମେସିନ ଗୁଡ଼ିକ ଖତ ଖାଉଛି। ସେହିଭଳି ଆମ୍ବୁଲାନ୍ସ ବାଇକ୍ ମଧ ଲୋକଙ୍କ କାମରେ ଆସୁନି। ଦୁର୍ଗମ ଅଞ୍ଚଳର ଗର୍ଭବତୀ ମହିଳା ମାନେ, ଭାରରେ ବୁହା ହୋଇ ଡାକ୍ତରଖାନା ଯାଉଛନ୍ତି। ତାହା ମଧ କିଛି ବର୍ଷ ପରେ, ଏଭଳି , ବହୁ ପୁରୁଣା ଏବଂ ଜଙ୍କ ଖାଇ ନଷ୍ଟ ହୋଇ ଯିବ। ତାକୁ ମଧ ବିକ୍ରି କରି ଦେବେ ବୋଲି ସାଧାରଣରେ କୁହାଯାଇଛି। ବର୍ତ୍ତମାନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଦିପ୍ତିକାନ୍ତ ନାୟକଙ୍କୁ ଯୋଗାଯୋଗ କରାଯିବାରେ ବିକ୍ରୀ ପାଇଁ ଅନୁମତି ହୋଇଛି। ଏ ସମ୍ପର୍କିତ ଚିଠି ଅଛି । ଏ ନେଇ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତାଙ୍କୁ ଯୋଗାଯୋଗ କରାଯିବାରେ ସେ କହିଛନ୍ତି

### ରୋଗୀ ସେବା ପାଇଁ ଆସିଥିଲା, ତଦନ୍ତ ପାଇଁ ଦାବି

ଦଶମନ୍ତପୁର ବ୍ଲକ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବା କରିବା ପରିବର୍ତ୍ତେ ଡାକ୍ତରଖାନାର ସାମଗ୍ରୀ ଗୁଡିକ ବିକ୍ରି କରିବା ଆରମ୍ଭ କଲେଣି ବାବୁ ମାନେ। ସେମାନେ ମୋଟା ଅଙ୍କର ଦରମା ନେଉଛନ୍ତି। ତଥାପି ରୋଗୀ ସେବା ପାଇଁ ଆସିଥିବା ସାମଗ୍ରୀ ଗୁଡିକ ବାବୁ ମାନେ ବିକ୍ରି କରି ମାଲାମାଲ ହେଉଛନ୍ତି ବୋଲି ଅଞ୍ଚଳ ବାସୀ କହିଛନ୍ତି। ଏ ସମ୍ପର୍କରେ ଯେ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରି ବୁଝିବେ। ମେଡିକାଲର ପୁରୁଣା ସାମଗ୍ରୀ ବିକ୍ରୀ କରିବା ଘଟଣା ଜଣା ନାହିଁ, ତଦନ୍ତ କରାଯିବ। ଏଥିରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମାକାନ୍ତ ଦଳେଇ କହିଛନ୍ତି, ରୋଗୀ କଲ୍ୟାଣ ସମିତିର ସଦସ୍ୟ ମାନଙ୍କୁ ଜଣାଇବା କଥା। ଏହା ପରେ ନିଲାମ ହେବାର ଥିଲା। ମନଇଛା କେମିତି ବିକ୍ରି ହେଲା ବୋଲି କହିଥିଲେ।

## ପଡୁଆ ପୁଲିସର ସଫଳତା

# ଦେବତୀଗୁଡ଼ା ଜଙ୍ଗଲରୁ ୨୨୧୯ କିଲୋ ଗଞ୍ଜେଇ ଜବତ



ନନ୍ଦପୁର, ୯।୪ (ସମିସ): ଆନ୍ଧ୍ର-ଓଡ଼ିଶା ସୀମାନ୍ତ ପାଡୁଆ ଥାନା ଅଧୀନରେ ଜଲବନ୍ଦୀ ଘେର ପରଜା ବଡ଼ପଡା ଗ୍ରାମପଞ୍ଚାୟତ ପଡାଲପୁଟରେ ଗତ ମାସରେ ତରଳ ଗଞ୍ଜେଇ କାରବାରର ଗ୍ୟାଙ୍ଗକୁ କାବୁ କରାଯିବା ସହ ଶହ ଶହ ଲିଟର ତରଳ ଗଞ୍ଜେଇ ଜବତ କରି ପୁଲିସ ଚର୍ଚ୍ଚାକୁ ଆସିଥିଲା। ପାଡୁଆ ପୁଲିସକୁ ଆଉ ବଡ଼ ସଫଳତା ହାତକୁ ଲାଗିଛି। ଗଞ୍ଜେଇ ଗଛ କଟା ଠାରୁ ଆରମ୍ଭ କରି ତରଳ ଗଞ୍ଜେଇ ଘଣା ପରେ ବ୍ୟବସାୟ ପାଇଁ ରଖିଥିବା ଗଚ୍ଛିତ ଗଞ୍ଜେଇ ଠାବ କରି ପୁଣି ଚର୍ଚ୍ଚାକୁ ଆସିଛି ପାଡୁପା ପୁଲିସ। କୋରାପୁଟ ଜିଲ୍ଲା ନନ୍ଦପୁର ପୁଲିସ ଉପଖଣ୍ଡ ଅଧିନରେ ପାଡୁଆ ପୁଲିସକୁ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଆଉ ଏକ ବଡ ସଫଳତା ମିଳିଛି। ପାଡୁଆ ଥାନା ଅନ୍ତର୍ଗତ ହାତିବାରି ପଞ୍ଚାୟତର ଦେବତୀଗୁଡା ଗ୍ରାମ ପାଶ୍ୱ ଜଙ୍ଗଲରେ ଚଢ଼ଉ କରି ଚାଲାଣ ପାଇଁ ଗଚ୍ଛିତ ଥିବା ୧୮୦ ଗୋଟି ବସ୍ତା ମଧ୍ୟରେ ୨୨୧୯ କିଲୋ ଗଞ୍ଜେଇ ଜବତ କରାଯାଇଛି। ଚଢଉ ବେଳେ ପୋଲିସକୁ ଚକମା ଦେଇ ଚାଲାଣକାରୀ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ଏହି ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟି ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଜଣାପଡିଛି। ଏହାକୁ ନେଇ ପାଡୁଆ ଥାନା ପରିସରରେ ନନ୍ଦପୁର (ଏସଡିପିଓ) ଦେବେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ସୂଚନା ମୁତାବକ ଗୁଇନ୍ଦା ସୂଚନା ଆଧାରରେ ଥାନାଧିକାରୀ ଅଶୋକ କୁମାର ବିଶୋଇ ଓ ଏସ୍ ଆଇ ସୁରେନ୍ଦ୍ର ସେଠୀଙ୍କ ନେତୃତ୍ୱରେ ପାଡୁଆ ପୋଲିସ ଟିମ୍ ବୁଧବାର ରାତ୍ରି ଦେବତୀଗୁଡା ଜଙ୍ଗଲରେ ଚଢ଼ାଉ କରିଥିଲେ। ଜଙ୍ଗଲ ମଧ୍ୟରେ ଶତାଧିକ ଜରି ବସ୍ତାରେ ଭର୍ତ୍ତି ପାଲ ଘୋଡ଼ା ହୋଇ ଗଞ୍ଜେଇ ଥିବା ଦେଖି ସମସ୍ତ ଗଞ୍ଜେଇକୁ ଥାନାକୁ ଆଣିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରିବାରେ ୨୨୧୯ କିଲୋ ଗଞ୍ଜେଇ ଥିବା ଜଣା ପଡ଼ିଥିଲା। ଥାନା କେସ ନଂ ୪୦/୨୦୨୬ ପ୍ରକାରେ ମାମଲା ରୁଜୁ କରାଯାଇ ଏସ୍ଆଇ ଦୀପକ ବାରିକ ମାମଲାରେ ତଦନ୍ତ କରୁଛନ୍ତି। ଚଢ଼ଉରେ ସାମିଲ ଥିବା ପାଡୁଆ ପୁଲିସକୁ ଏସଡିପିଓ ପ୍ରଶଂସା କରିଛନ୍ତି। ଅତିଶୀଘ୍ର ପାଡୁଆ ପୋଲିସ ଗଞ୍ଜେଇ ସଂଗ୍ରହ ଓ ଚାଲାଣ କାରୀଙ୍କୁ ଠାବ କରିବ ବୋଲି ଏସ୍ଡିପିଓ ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

## ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




ଜୟପୁର, ୯ ।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟର ୪୬ ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ଗତକାଲି ସଂଧ୍ୟାରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ବିବେକାନନ୍ଦ ସୁନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇ ଛାତ୍ରୀ ମାନଙ୍କୁ ଚାକିରି ସହିତ ରାଜନୀତିରେ ମଧ ଯୋଗଦେବାକୁ ଆହ୍ୱାନ କରିଥିଲେ। ମହିଳା ମାନେ ସମସ୍ତ କ୍ଷେତ୍ରରେ ଦକ୍ଷତାର ସହିତ କାର୍ଯ୍ୟ କରିପାରିବେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରର ମହେଶ୍ୱର ନାୟକ ଯୋଗ ଦେଇ ଆଧୁନିକ ଯୁଗରେ ଛାତ୍ରୀ ମାନେ ଛାତ୍ର ମାନଙ୍କୁ ଠାରୁ ସମସ୍ତ କ୍ଷେତ୍ରରେ ଆଗୁଆ ରହିଛନ୍ତି। ତେଣୁ ସେମାନେ ସେମାନଙ୍କ ଭବିଷ୍ୟତ ପାଇଁ କଠିନ ପରିଶ୍ରମ କରିବା ସହିତ ନିଜ ନିଜ କର୍ମକ୍ଷେତ୍ରରେ ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌରଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଉପସ୍ଥିତ ରହିବା ସହିତ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ନୃତ୍ୟ, ଗୀତ, ନାଟକ ଓ ବିଭିନ୍ନ ପ୍ରତିଯୋଗୀତାର କୃତ୍ତି ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦନ କରାଯାଇଥିଲା। ଛାତ୍ରୀ ମାନଙ୍କ ମଧ୍ୟରେ ସାମୁହିତ ଓ ଏକକ ନୃତ୍ୟ ଏବଂ ଅନ୍ୟାନ୍ୟ ନୃତ୍ୟ ପରିବେଷଣ କରାଯାଇଥିଲା।

## ଯୋଗାଣ ସହାୟକଙ୍କ ଘରୁ କଳାକନା ବୁଲାଇଲେ ଦୁର୍ବୃତ୍ତ

ନାରାୟଣପଟଣା, ୯।୪(ସମିସ): ଘରେ ନଥିବା ସୁଯୋଗ ନେଇ ଆସନ୍ତା କାଲି ବିଳମ୍ବିତ ରାତ୍ରିରେ ନାରାୟଣପଟଣା ପଞ୍ଚାୟତର ଯୋଗାଣ ସହାୟକ ଘରେ କଳାକନା ବୁଲାଇ ଦେଇଛନ୍ତି ଦୁର୍ବୃତ୍ତ । ସୂଚନା ମୁତାବକ ନାରାୟଣପଟଣା ସଦର ସବ୍‌ଷ୍ଟେସନ ସାହିରେ ଯୋଗାଣ ସହାୟକ ମନୋଜ ଘଣ୍ଟ ରହୁଛନ୍ତି। ତାଙ୍କର ସମ୍ପର୍କୀୟ ମୃତ୍ୟୁବରଣ କରିଥିବାରୁ ମନୋଜ ତାଙ୍କ ପରିବାର ସହ ଜୟପୁର ଯାଇଥିଲେ । ଘର ତାଲା ପଡ଼ିଥିବା ଦେଖି କାଲି ବିଳମ୍ବିତ ରାତିରେ ତାଲା କାଟି ଘର ଭିତରକୁ ପଶି ଦୁର୍ବୃତ୍ତମାନେ ଚତୁରତା ସହ ଦୁଇଟି ଅଲମିରା କବାଟ ଭାଙ୍ଗି ସମସ୍ତ ସୁନା ଗହଣା, ନଗଦ ଟଙ୍କା ରୁପା ଅଳଙ୍କାର ନେଇ ଯାଇଛନ୍ତି। ସକାଳୁ ପାଖ ପଡୋଶୀ ମୁଖ୍ୟ ଦ୍ୱାରଖୋଲା ଦେଖି କେବେ ଫେରିଲ ପଚାରିଥିଲେ। କିନ୍ତୁ କେହି ଜବାବ ଦେଇନଥିବା ବେଳେ ସନ୍ଦେହ କରି ପାଖଆଖ ଲୋକଙ୍କୁ କହିଥିଲେ ।ପରେ ଫୋନ ମାଧ୍ୟମରେ ମନୋଜଙ୍କ ସହ କଥା ହୋଇଥିଲେ। ଘଟଣା ବିଷୟରେ ଶୁଣି ମନୋଜ ତୁରନ୍ତ ନିଜ ଘରକୁ ଫେରି ନାରାୟଣପଟଣା ପୁଲିସକୁ ଲିଖିତ ଦେବାପରେ ଥାନା ଆଇଆଇସି ଶ୍ରୀମତୀ ପଣ୍ଡା ଘଟଣା ସ୍ଥଳକୁ ଯାଇ ପ୍ରାଥମିକ ତଦନ୍ତ କରି ଫେରିଥିଲେ। ଏହାର ତଦନ୍ତ କରାଯାଇ ଚୋରଙ୍କୁ ବହୁତ ଶୀଘ୍ର ଧରାଯିବ ବୋଲି କହିଛନ୍ତି। ଅନ୍ୟପଟେ ଦିନକୁ ଦିନ ନାରାୟଣପଟଣାରେ ଚୋରି ହେବା ଘଟଣା ସାମ୍ନାକୁ ଆସୁଛି । ସ୍ଥାନୀୟ ପୁଲିସ ଦ୍ୱାରା ଲଗାଯାଇଥିବା ସିସି କାମେରା ଅଚଳ। ଏହାକୁ ତୁରନ୍ତ ମରାମତି କରିବା ସହ ପୁଲିସ ରାତ୍ର ପାଟ୍ରୋଲିଂକୁ କଡ଼ାକଡି କରିବାକୁ ଅନୁରୋଧ କରିଛନ୍ତି ସ୍ଥାନୀୟ ବାସିନ୍ଦା

## ସଡ଼କ ସୁରକ୍ଷା ସଚେତନତା

ମାଲକାନଗିରି, ୯ ।୪(ସମିସ): ମାଲକାନଗିରି ଜିଲ୍ଲାରେ ଦିନକୁ ଦିନ ବିଭିନ୍ନ ଅଞ୍ଚଳରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଯାହା ଫଳରେ ଅନେକ ଜନଜୀବନ କ୍ଷତିଗ୍ରସ୍ତ ହେଉଛନ୍ତି। ତେବେ ଏହାକୁ ଦୂର କରିବା ଓ ଲୋକଙ୍କ ମଧ୍ୟରେ ସଡ଼କ ସୁରକ୍ଷା ଜୀବନ ରକ୍ଷା ସଚେତନତା ନିମନ୍ତେ ମାଲକାନଗିରି ଜିଲ୍ଲା ପୁଲିସ ଏବଂ ଆଞ୍ଚଳିକ ପରିବହନ ବିଭାଗ ଦ୍ୱାରା ମିଳିତ ଭାବେ ଏକ ନିଆରା ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯେଉଁଥିରେ ଯମରାଜ ଓ ଯମ ଦୂତ ବେଶରେ କର୍ମଚାରୀ ମାନେ ଗାଡ଼ି ଚାଳକ ମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ନିୟମାବଳୀ ବୁଝାଇ ସଚେତନ କରିଥିଲେ। ସହରର ପ୍ରତ୍ୟେକ ଛକ ଓ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଗାଡ଼ି ଚାଳକ ମାନଙ୍କୁ ଅଟକାଇ ଯମରାଜଙ୍କ ନିର୍ଦ୍ଦେଶକ୍ରମେ ଚିତ୍ର ଗୁପ୍ତଙ୍କ ଦ୍ୱାରା ସଡ଼କ ସୁରକ୍ଷା ନିୟମାବଳୀ ଦେଇଥିଲେ। ସେହିପରି ପୁଲିସ ପକ୍ଷରୁ ଗାଡ଼ି ଚାଳକଙ୍କୁ ମାଗଣା ହେଲମେଟ ପ୍ରଦାନ କରଯାଇଥିଲା। ନିୟମ ପାଳନ କରୁଥିବା ଚାଳକ ମାନଙ୍କୁ ଗୋଲାପ ଫୁଲ ପ୍ରଦାନ କରିବା ସହ ଗାଡ଼ି ଚଲେଇବା ନିୟମକୁ ପାଳନ କରିବା ପାଇଁ ସମସ୍ତଙ୍କୁ ସଚେତନ କରାଯାଇଥିଲା।

## 'ଆସ ବହିଟିଏ କିଣିବା' ଅଭିଯାନ



ସେମିଳିଗୁଡ଼ା, ୯।୪ (ସମିସ): ସେମିଳିଗୁଡା ମହାବିଦ୍ୟାଳୟରେ "ଆସ ବହି ଟିଏ କିଣିବା" ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଓ ଗ୍ରନ୍ଥାଗାରର ମିଳିତ ସହଯୋଗରେ ହୋଇଥିବା ଏହି ଅଭିଯାନର ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୁସ୍ତକ ପଢ଼ିବାର ଅଭ୍ୟାସ ସୃଷ୍ଟି କରିବା, ଲେଖକମାନଙ୍କୁ ପ୍ରୋତ୍ସାହନ ଦେବା ଏବଂ ଓଡ଼ିଆ ଭାଷା ପ୍ରତି ଆଦର ସୃଷ୍ଟି କରିବା। ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ନିଜ ପସନ୍ଦର ବହି କିଣି ପୁସ୍ତକ କିଣାରେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍ ସି ସିଂହ ଏହି ଅଭିଯାନକୁ ସ୍ୱାଗତ ଜଣାଇ କହିଥିଲେ ଯେ, ଡିଜିଟାଲ୍ ଯୁଗରେ ଛାତ୍ରଛାତ୍ରୀମାନେ ସ୍କ୍ରିନ୍ ମୁହାଁ ହୋଇ ପଢୁଥିବାରୁ ବହି ଠାରୁ ଦୂରେଇ ଯାଉଛନ୍ତି। "ଆସ ବହି ଟିଏ କିଣିବା' ଅଭିଯାନ ସେମାନଙ୍କୁ ପୁସ୍ତକ ପ୍ରତି ଆକର୍ଷିତ କରିବାରେ ବହୁତ ସହାୟକ ହେବ।। ଏହି ଅଭିଯାନରେ ମହାବିଦ୍ୟାଳୟର ପ୍ରାୟ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବହି କିଣିଥିଲେ। ଅଭିଯାନ ସଫଳ କରିବାରେ ସ୍ଥାନୀୟ ସାହିତ୍ୟାନୁରାଗୀ ,ଛାତ୍ରଛାତ୍ରୀ ତଥା ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମଧ୍ୟରୁ ଦେବରାଜ ନାୟକ, ଡ଼ ସୁଭ୍ରାଂଶୁ ସୁନ୍ଦର ଦାସ, ହର ପ୍ରସାଦ ପତି ,ଡ.ବିଦ୍ୟୁତ୍ ପ୍ରଭା ରାଉତ, ଡ .ରମେଶ ମଲ୍ଲିକ,ଭାଗିରଥି ରାଉତ ,ସର୍ବେଶ୍ୱର ପ୍ରଧାନ, ଶେଷଦେବ ମିଶ୍ର ପ୍ରମୁଖ ଏବଂ କର୍ମଚାରୀଙ୍କ ସହଯୋଗ ଉଲ୍ଲେଖନୀୟ ଥିଲା।

## ବିଷମ କଟକ ନାଗେଶ୍ୱର ମନ୍ଦିରରୁ ଚୋରି

ବିଷମ କଟକ, ୯।୪(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ବ୍ଲକର ଡୁକୁମ୍ ରୋଡ଼ରେ ଅବସ୍ଥିତ ନାଗେଶ୍ୱର ମନ୍ଦିରରୁ ଗତ ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ଚୋରି କରି ନେଇଯାଇଛନ୍ତି। କିଛି ଅଜଣା ଦୁର୍ବୃତ୍ତ ମନ୍ଦିର ତାଲା ଭାଙ୍ଗି ମନ୍ଦିର ଭିତରେ ପ୍ରବେଶ କରି ଦାନହୁଣ୍ଡିରେ ଥିବା ଟଙ୍କା ନେଇ ଚାଲିଯାଇଛନ୍ତି। ଆଜି ସକାଳେ ପୂଜକ ଚିନ୍ତାମଣି ସାବତ ମନ୍ଦିର ଖୋଲିବାକୁ ଯାଇଥିବା ବେଳେ ମନ୍ଦିର ଚାବି ଭଙ୍ଗାଯାଇଥିବା ଦେଖିଥିଲେ। ଘଟଣା ସଂକ୍ରାନ୍ତରେ ମନ୍ଦିର ପରିଚାଳନା କମିଟିକୁ ଖବର ଦେଇଥିଲେ। କମିଟି ସଦସ୍ୟା ମାନେ ମନ୍ଦିର ଆସି ସମସ୍ତ ଘଟଣା ଦେଖିବା ପରେ ବିଷମ କଟକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସର ଏକ ଟିମ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଚୋରମାନଙ୍କୁ ଧରିବା ପାଇଁ ପୁଲିସ ତନାଘନା ଆରମ୍ଭ କରିଛି। ମନ୍ଦିର ଭିତର ବଢଳି ଚୋରି ଘଟଣା କୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ର ବାତାବରଣ ଖେଳିଯାଇଛି। ଖୁବ ଶୀଘ୍ର ଚୋର ମାନଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

## ନବନିଯୁକ୍ତ ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା



ମାଲକାନଗିରି, ୯ ।୪(ସମିସ): ମାଲକାନଗିରି ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ନବ ନିଯୁକ୍ତ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ନରସିଂହ ମାଡ଼କାମି, ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ଗଙ୍ଗାଧର ସୋଡ଼ି ଏବଂ ଉପାଧ୍ୟକ୍ଷା ସାବିତ୍ରୀ ପଡ଼ିଆମୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରାୟ ୨୦୦ରୁ ଅଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧିତ ନେତାମାନଙ୍କୁ ମାଳା, ଉତ୍ତରୀୟ ଏବଂ ଉପହାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ଉପସଭାପତି ତଥା ଜିଲ୍ଲା ପ୍ରଭାରୀ ରମେଶ ସାହୁ, ପୂର୍ବତନ ଜିଲ୍ଲା ସଭାପତି ନିମାଇ ଚନ୍ଦ୍ର ପାଲ୍, ମାଣିକ ଲାଲ୍ ଚକ୍ରବର୍ତ୍ତୀ, ଭବାନୀ ଶଙ୍କର ମୁଖାର୍ଜୀ, ସଞ୍ଜୟ ସରକାର, ସମୀର ମିସ୍ତ୍ରୀ, ନିହାର ରାୟ, ନିରଞ୍ଜନ ହଲଦାର, ଏବଂ ନାରାୟଣ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ନେତାମାନେ ନବ ନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ଦଳୀୟ କର୍ମୀମାନେ ନେତାମାନଙ୍କ ନେତୃତ୍ୱରେ ଜିଲ୍ଲାର ବିକାଶ ପାଇଁ ଏକଜୁଟ ହେବାର ଶପଥ ନେଇଥିଲେ।

## ଅସଂଖ୍ୟ ପିଲାଙ୍କୁ ମଣିଷ କରିଛି ଆଦିବାସୀ କଲ୍ୟାଣ ବିଭାଗ: ବିଧାୟକ



ନନ୍ଦପୁର, ୯।୪ (ସମିସ): ଅନୁସୂଚିତ ଜାତି ଓ ଅନୁସୂଚିତ ଜନ ଜାତି କଲ୍ୟାଣ ବିଭାଗ ଅସଂଖ୍ୟ ଆଦିବାସୀ ଦଳିତ ପିଲାଙ୍କୁ ମଣିଷ କରିଛି ବୋଲି କହିଛନ୍ତି ସିଏଲପି ନେତା ତଥା ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ। ବାଲଡ଼ା ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ଶ୍ରୀ କାଡ଼ାମ ଛାତ୍ରୀ ମାନେ ଏବେ ପିଲା ମାନଙ୍କ ଠାରୁ ଆଗକୁ ଅଛନ୍ତି। ଅସଂଖ୍ୟ ପିଲାଙ୍କୁ ଆଦିବାସୀ କଲ୍ୟାଣ ବିଭାଗ ମଣିଷ କରିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଅଧକ୍ଷତାରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ବିଦ୍ୟାଳୟ ନିରୀକ୍ଷକ ଅଜୟ ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, ସହକାରୀ ମଙ୍ଗଳ ଅଧିକାରୀ ଅର୍ଜୁନ ନାୟକ, ସହକାରୀ ମଙ୍ଗଳ ଅଧିକାରୀ ସଦର କୋରାପୁଟ ରାକେଶ ରଞ୍ଜନ ବିଶ୍ୱାଳ, ନନ୍ଦପୁର ଗୋଷ୍ଠୀ ମଙ୍ଗଳ ଅଧିକାରୀ ନଗେନ ତ୍ରିପାଠୀ, ନନ୍ଦପୁର ପୂର୍ବତନ ଚେୟାରମେନ ଶଶିଭୂଷଣ ପାତ୍ର, ବାଲଡା ଗ୍ରାମପଞ୍ଚାୟତ ସରପଞ୍ଚ ବିକ୍ରମ ସୀସା, ବିଦ୍ୟାଳୟ ପରିଚାଳନା ସଭାପତି ସୋମନାଥ ସୀସା, ବିଧାୟକ ପ୍ରତିନିଧି କାମେଶ କାମୁଡି ପ୍ରମୁଖ ଯୋଗ ଦେଇ ଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଭଲ ପାଠ ପଢ଼ିବା ପାଇଁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ଖରା ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ସଫଳତା ସହ ଆନୁଷଙ୍ଗିକ ସମସ୍ୟା ସମୁହ ଉପରେ ଆଲୋକପାତ କରି ସମସ୍ୟା ଗୁଡ଼ିକୁ ଯଥୋଚିତ ବିଧାୟକ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ରେଲି ସୀସା, କଂଗ୍ରେସ ବ୍ଲକ ସଭାପତି ମଦନ ହାଦପୁଟିଆ, ରାମକୃଷ୍ଣ ପଡାଲ୍, ନନ୍ଦପୁର ହାଇସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ଅଞ୍ଜୁଳତା ଗରଡା ପ୍ରମୁଖ ଯୋଗଦେଇଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ



ନନ୍ଦପୁର, ୯।୪ (ସମିସ): "ଆସ ବହିଟିଏକିଣିବା" ଅଭିଯାନ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ନନ୍ଦପୁରଠାରେ ଅନୁଷ୍ଠିତ ହୋଇଯାଇଛି। ବହି ଆମ ଜୀବନର ଜ୍ଞାନର ଆଲୋକକୁ ଆଲୋକିତ କରେ ବୋଲି ବିଧାୟକ ପଟାଙ୍ଗି ରାମଚନ୍ଦ୍ର କାଡାମ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ପୁସ୍ତକ ବିକ୍ରିୟ କେନ୍ଦ୍ରକୁ ଉଦ୍‌ଘାଟନ କରି କହିଛନ୍ତି। ନନ୍ଦପୁର ପଞ୍ଚାୟତ ସମିତି ଗୋଷ୍ଠୀ ଉନ୍ନୟନ ଡ. ଦୁର୍ଗା ପ୍ରସାଦ ଦୋରା ଉପସ୍ଥିତ ରହି ଦୈନନ୍ଦିନ ଜୀବନରେ ବହିର ଆଦର ଓ ଚାହିଦା ବୃଦ୍ଧି ପାଇଁ ଓଡ଼ିଆ ପକ୍ଷ ମାଧ୍ୟମରେ "ଆସ ବହିଟିଏ କିଣିବା" ଅଭିଯାନ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଅମର କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା କରି ବହି ପରି ବନ୍ଧୁ ନାହିଁ କି ବହିର ବିକଳ୍ପ ନାହିଁ, ବହି ଜୀବନର ସବୁ ବନ୍ଦ ଦ୍ୱାରକୁ ମୁକୁଳା କରିଦିଏ ବୋଲି ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ସ୍ନେହଲତା ସେଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଏମ୍ ଜୟା, କିଶୋର ଚନ୍ଦ୍ର ବେହେରା, ସନ୍ତୋଷ ହନ୍ତାଳ, ଭଗବାନ ଖରା, ସୁରଭି ପାଣିଗ୍ରାହୀ, ଅର୍ଚ୍ଚନା ପାଢ଼ୀ, ନରସିଂହ ଖୋସଲା, ସନ୍ତୋଷ କୁମାର ଦୋରା, ଦିନେଶ କୁମାର ଖିଲ, ପଦଲାମ ଗଲରି, ବିଜୟ ଖିଲ ଓ ଉଷାରାଣୀ ଗୁଣ୍ଟା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସେମିଳିଗୁଡା ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା



ସେମିଳିଗୁଡ଼ା, ୯।୪(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାଦ୍ୟାଳୟର ପଦାର୍ଥ ବିଜ୍ଞାନ ଏବଂ ରସାୟନ ବିଜ୍ଞାନ ବିଭାଗର ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଭାଗ ତରଫରୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନସୀ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦାୟୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଆଗାମୀ ଭବିଷ୍ୟତ ପାଇଁ ଶୁଭେଚ୍ଛା ବାର୍ତ୍ତା ଦେବା ସହ ଉଚ୍ଚଶିକ୍ଷା ନିମନ୍ତେ ନିଜକୁ ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ଅଧ୍ୟାପକ ଅଧ୍ୟାପିକା ଯଥା ଦେବରାଜ ନାୟକ ,ଡ. ଶୁଭ୍ରାଂଶୁ ସୁନ୍ଦର ଦାସ ,ଡ.ଅଲେଖ ପ୍ରସାଦ ପଣ୍ଡା , ହରପ୍ରସାଦ ପତି ,ଡ.ଶୁଭେନ୍ଦୁ ହରିଚନ୍ଦନ, ସୁଚିସ୍ମିତା, ଶୁଭସ୍ମିତା ନାୟକ, ପିଙ୍କି ଗୋୟଲ, ଆରତି ପ୍ରଧାନ, ଚିତ୍ତ ରଞ୍ଜନ ଦାସ, ରବିନାରାୟଣ ମିଶ୍ର, ଅଜୟ ପଣ୍ଡା ପ୍ରମୁଖ ଏବଂ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଖୋଖୋ ପ୍ରତିଯୋଗିତାରେ କବିତାଙ୍କ କୃତିତ୍ୱ



ନାରାୟଣପାଟଣା, ୮।୪ (ସମିସ) : ଜାତୀୟ ସ୍ତରରେ ଚମକିଲେ ନାରାୟଣପାଟଣା ବ୍ଲକର ଆଦିବାସୀ ଝିଅ କବିତା ତାଡିଙ୍ଗି। ଛତିଶଗଡ଼ ରାୟପୁର ଠାରେ ଆୟୋଜିତ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ କିସ୍ ତରଫରୁ ଖୋଖୋ ଇଣ୍ଡିଆ କ୍ରୀଡ଼ା ପ୍ରତିଯୋଗିତା ଭାଗ ନେଇ ରୌପ୍ୟ ଓ ଉଚ୍ଚ ଡିଆଁରେ ବ୍ରୋଞ୍ଜ ପଦକ ହାସଲ କରି ଅନୁଷ୍ଠାନ ପାଇଁ ଗର୍ବ ଆଣିଛନ୍ତି। ଏ ଖବର ଶୁଣିବା ପରେ କବିତା ଓ ପରିବାର ବର୍ଗଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। କବିତା ତାଡିଙ୍ଗିଙ୍କ ଘର ଦୁର୍ଗମ ତଳଗୁମାଣ୍ଡି ପଞ୍ଚାୟତ ବାରୀ ଗାଁରେ। ପିଲାଟି ଦିନରୁ ଭୁବନେଶ୍ୱରର କିସ୍ ଅନୁଷ୍ଠାନରେ ରହି ସେ ପାଠ ପଢୁଛନ୍ତି। ବର୍ତମାନ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ। ପିଲାଟି ଦିନରୁ କ୍ରୀଡ଼ା ପ୍ରତି ରୁଚି ରହି କିସ୍‌ରେ ଖୋଖୋ, ଦୌଡ଼ରେ କୋଚିଂ ନେଇ ନିଜକୁ ପ୍ରସ୍ତୁତ କରୁଥିଲେ। ଗତ ମାସ ୨୫ ତାରିଖରୁ ଅପ୍ରେଲ ୩ ଯାଏଁ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଖୋଖୋ ଓ ଉଚ୍ଚ ଡିଆଁ ପାଇଁ କିସ୍ ତରଫରୁ ମନୋନୀତ ହୋଇ ଅଂଶ ଗ୍ରହଣ କରିଥିଲେ। ଆଉ ସେଠି ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ପୁରସ୍କାର ପାଇ ଅନୁଷ୍ଠାନ ଓ ଗାଁ ପାଇଁ ଗୌରବ ଆଣିଛନ୍ତି। ଗରିବ ପରିବାର ହୋଇଥିବାରୁ ଚାଷ କାମ କରି ପରିବାର ପ୍ରତିପୋଷଣ କରନ୍ତି ବାପା ଗିରି ତାଡ଼ିଙ୍ଗି। ଭଉଣୀଙ୍କ କୃତିତ୍ୱକୁ ନେଇ ଭାଇ ସାଇ ତାଡ଼ିଙ୍ଗିଙ୍କ ସହ ମା' ଓ ବାପା ଖୁସି ହୋଇଛନ୍ତି। ପୁରା ବାରୀ ଗାଁବାସୀ ପ୍ରଶଂସା କରିବା ସହ ଉତ୍ସବ ପାଳିଛନ୍ତି। ପ୍ରଥମେ ସେ ତାଙ୍କ ମା'ବାପାଙ୍କ ସହ ଭାଇ ସାଇଙ୍କୁ ଓ ତାଲିମ ଦେଇଥିବା ପ୍ରଶିକ୍ଷକଙ୍କୁ ଶ୍ରେୟ ଜଣାଇଛନ୍ତି। ବଣର ମଲ୍ଲୀ କବିତା ଙ୍କ ସଫଳତା ପାଇଁ ବ୍ଲକ୍ ଅଧ୍ୟକ୍ଷ ଗୋଲାଦି ତ୍ରୀନାଥ, ବିଡିଓ ବିକ୍ରମ କୁମାର ଦୋରା , ତହସିଲଦାର ପ୍ରଭାତୀ ଝଡିଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

# ମାଥାଲପୁଟ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା



ଦାମନଯୋଡ଼ି, ୮।୪(ସମିସ): କୋରାପୁଟ ବ୍ଲକ ଅନ୍ତର୍ଗତ ମାଥାଲପୁଟ ଗ୍ରାମ ପଞ୍ଚାୟତ ସଭା ଗୃହରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମାଥାଲପୁଟ ସରପଞ୍ଚ ରଞ୍ଜିତା ଗୁରୁନା ଅଧ୍ୟକ୍ଷତା କରିଥିଲେ। ପିଇଓ ଓ ସରପଞ୍ଚଙ୍କ ବ୍ୟତୀତ ଆକାଉଣ୍ଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ଅମିତ କୁମାର ଖରା ଏବଂ ୱାର୍ଡମେମ୍ବର ଦୁର୍ଗା ପ୍ରସାଦ ପାଢ଼ୀ ମଞ୍ଚାସୀନ ଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବହୁମୁଖୀ ଜନ କଲ୍ୟାଣକାରୀ ଯୋଜନା ଏବଂ ଏହି ଯୋଜନା ଗୁଡ଼ିକ ପାଇଁ ବଜେଟରେ ରହିଥିବା ଅନୁଦାନ ରାଶି ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଏତଦ୍ ବ୍ୟତିତ ବିକଶିତ ଭାରତ ଜି ରାମ ଜି ଅଧିନିୟମ ୨୦୨୫ ଯୋଜନା ଓ ନରେଗା ଯୋଜନାରେ ହୋଇଥିବା ପୁରୁଣା କାର୍ଯ୍ୟଗୁଡ଼ିକ ବିଷୟରେ ଅବଗତ କରାଇ ସଚେତନ କରିଥିଲେ। ଶ୍ରୀ ପାଢ଼ୀ ପଞ୍ଚାୟତ ସ୍ତରରେ ଏକ ନୂତନ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ କମିଟି ଗଠନ ବିଷୟରେ ଆଲୋକପାତ କରିଥିଲେ। ଗ୍ରାମବାସୀମାନେ ବର୍ତ୍ତମାନ ଗ୍ରାମରେ ଦେଖାଦେଇଥିବା ଉତ୍କଟ ପାନୀୟ ଜଳ ସମସ୍ୟା ଉତ୍ଥାପନ କରି ତୁରନ୍ତ ସମାଧାନ ନିମନ୍ତେ ଦାବି କରିବା ସହ ଦୀର୍ଘ ବର୍ଷଧରି ସୁପ୍ତ ଅବସ୍ଥାରେ ରହିଥିବା ମେଗା ଜଳ ପ୍ରୋଜେକ୍ଟ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ। କିଛି ବ୍ୟକ୍ତି ନିଜ ସ୍ୱାର୍ଥ ପାଇଁ ନାଳକୁ ଅବରୋଧ କରିବା ଦ୍ୱାରା ବର୍ଷାପାଣି ନିଷ୍କାସନର ସମସ୍ୟା ଉପୁଜିଛି ବୋଲି ଅଭିଯୋଗ କରିଥିଲେ ଓ ଏଥିରେ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ। ଏତେବଡ଼ ପଞ୍ଚାୟତ ପାଇଁ ଗୋଟିଏ ମାତ୍ର ପରିମଳ ଗାଡ଼ି ପ୍ରଯ୍ୟାପ୍ତ ନୁହେଁ ତେଣୁ ଅଧିକ ପରିମଳ ଗାଡ଼ିର ବ୍ୟବସ୍ଥା କରିବା ସହ ତୁରନ୍ତ ଡମ୍ପିଙ୍ଗୟାଡର ସମସ୍ୟା ସମାଧାନ ପାଇଁ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ। ଗ୍ରାମରେ ଜନସାଧାରଣଙ୍କ ସୁବିଧା ପାଇଁ ବିଭିନ୍ନ ଛକ ସ୍ଥାନ ମାନଙ୍କରେ ଲଗାଯାଇଥିବା ହାଇମାକ୍ସ ଲାଇଟ୍ ବର୍ଷବର୍ଷ ଧରି ବନ୍ଦ ରହିଛି। ରକ୍ଷଣାବେକ୍ଷଣା ଅଭାବରୁ ତାହା ନଷ୍ଟ ହେବାରେ ଲାଗିଛି। ତୁରନ୍ତ ତାହାକୁ କାର୍ଯ୍ୟକ୍ଷମ କରାଇବା ସହିତ ଷ୍ଟ୍ରିଟ୍ ଲାଇଟର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ମାଥାଲପୁଟ ପଞ୍ଚାୟତରେ ନାଲକୋ ସ୍ଥାପନ କରିଥିବା ଶହୀଦ ଲକ୍ଷ୍ମଣ ନାୟକ ପ୍ରତିମୂର୍ତ୍ତିକୁ ଛାଡ଼ିଦେଲେ ଅନ୍ୟ କୌଣସି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇନାହିଁ। ଫକୀର ମୋହନ ଷ୍ଟ୍ରିଟ୍ ଛକରେ ବ୍ୟାସ କବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ଏବଂ ମାଥାଲପୁଟ ଷ୍ଟେଟ ବ୍ୟାଙ୍କ ଏଟିମ୍ ଛକରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଥିଲେ। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ବର୍ଷ ଧରି ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ରହିଥିବାରୁ ରୋଗୀମାନେ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଖାଲିଥିବା ବିଶେଷଜ୍ଞ ପଦବୀ ତୁରନ୍ତ ପୂରଣ କରିବାକୁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଦୀର୍ଘ ୪୫ବର୍ଷ ନାଲକୋ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ନାଲକୋ କିମ୍ବା ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ବସଷ୍ଟାଣ୍ଡ ଟିଏ ହୋଇପାରି ନାହିଁ। ତେବେ ଦୀର୍ଘ ବର୍ଷର ଦାବି ପରେ ନାଲକୋ ପ୍ରାୟ ବର୍ଷେ ତଳେ ନୂତନ ବସ ଟର୍ମିନାଲ ନିର୍ମାଣ କରିବ ବୋଲି ଫଳକଟିଏ ମାରି ଚୁପଚାପ୍ ବସିଛି। ସେ ସ୍ଥାନଟି ଏବେ ଅଳିଆ ଗଦାରେ ଭର୍ତ୍ତି ହୋଇଗଲାଣି। ତୁରନ୍ତ ବସ୍ ଟର୍ମିନାଲ କାର୍ଯ୍ୟ ଆରମ୍ଭ କରିବା ପାଇଁ ପଞ୍ଚାୟତ ପକ୍ଷରୁ ନାଲକୋ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଏହି ସ୍ୱତନ୍ତ୍ର ଗ୍ରାମ ସଭାରେ ବିଭିନ୍ନ ଗ୍ରାମର ୱାର୍ଡ ମେମ୍ବର, ଏସଚ୍‌ଜି , ମିଶନ ଶକ୍ତି ସଦସ୍ୟା, ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ସ୍ୱାସ୍ଥ୍ୟ କର୍ମୀ, ପାନୀୟ ଜଳ ଯୋଗାଣ କର୍ମୀ, ପରିମଳ କର୍ମୀ, ଗ୍ରାମବାସୀ, ବୁଦ୍ଧିଜୀବୀ ଓ ବିଭିନ୍ନ ଗ୍ରାମର ନେତୃସ୍ଥାନୀୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

